### ମହଲାଇ ପାକ୍ସରେ ଧାନକ୍ରୟ ନ ହେବାରୁ ଅସନ୍ତୋଷ

# ମିଲର୍ସ, ପାକ୍ସ ଓ ପ୍ରଶାସନର ରହୁନି ତାଳମେଳ



ଦେଓଗାଁ,୧୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍‌ରେ ଆଜକୁ ୨୦ଦିନରୁ ଊର୍ଦ୍ଧ୍ୱ ହେଲା ପ୍ରାୟ ୧୫ଟି ଧାନମଣ୍ଡି ଉଦ୍‌ଘାଟନ ସରିଥିବା ବେଳେ ପ୍ରାୟତଃ ମଣ୍ଡିରେ ଧାନକ୍ରୟ ହୋଇପାରୁ ନାହିଁ। ଫଳରେ ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବାସହ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ନଜରକୁ ଆସିଛି। ଏହି କ୍ରମରେ ମହଲାଇ ପାକ୍ସରେ ଚାଷୀମାନେ ଆଜକୁ ୧୬ଦିନ ହେଲା ଧାନଆଣି ପକାଇ ରଖିଥିବା ବେଳେ ପାକ୍ସ କର୍ତ୍ତୃପକ୍ଷ ଧାନକ୍ରୟ ନ କରିବାରୁ ମଙ୍ଗଳବାର ଚାଷୀ ମାନେ ପାକ୍ସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଧାନକ୍ରୟ କରା ନ ଗଲେ ଅଞ୍ଚଳର ସମସ୍ତ ଚାଷୀ ରାସ୍ତା ଅବରୋଧ କରି ଆନ୍ଦୋଳନପନ୍ଥା ଗ୍ରହଣ କରିବାକୁ ବାଧହେବୁ ବୋଲି ଚେତାବନୀ ଦେଇଛନ୍ତି। ଚାଷୀଙ୍କ ଧାନର ମାନ ଏଫଏକ୍ୟୁ ନ ଥିବା ଦର୍ଶାଇ ମିଲର୍ସ ଧାନ ନେବାପାଇଁ ଅରାଜି ହେଉଥିବା ବେଳେ ଚାଷୀ ଓ ମିଲର୍ସ ମଧ୍ୟରେ କଟ୍‌ନି ଛଟ୍‌ନି ଛିଣ୍ଡୁ ନ ଥିବା ଆଲୋଚନାର ବିଷୟ ହୋଇଛି। ଚାଷୀଙ୍କ ଦାବି ଅନୁସାରେ ବିଗତ ବର୍ଷମାନଙ୍କ ପରି ପାକ୍ସ ଧାନକିଣିଲେ ଚାଷୀ ଉପକୃତ ହୋଇପାରିବେ ବୋଲି ଦାବି କରୁଥିବା ବେଳେ ପାକ୍ସ କର୍ତ୍ତୃପକ୍ଷ, ମିଲର୍ସ ଓ ପ୍ରଶାସନର କୌଣସି ତାଳମେଳ ରହୁ ନ ଥିବା ଯୋଗୁଁ ଧାନକିଣାରେ ଆହେତୁକ ବିଳମ୍ବ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ଏସିଏସଓ ଶରତ କୁମାର ରାଉତଙ୍କୁ ପଚାରିବାରୁ ଧାନକିଣା ବିଳମ୍ବକୁ ସ୍ୱୀକାର କରିବାସହ ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ମଣ୍ଡି ସ୍ୱାଭାବିକ କରାଯିବ ବୋଲି କହିଛନ୍ତି। ସେହିପରି ପାକ୍ସ ସମ୍ପାଦକ କାମାକ୍ଷା ସାହୁଙ୍କୁ ପଚାରିବାରୁ ମିଲର୍ସମାନେ ଧାନନେବା ପାଇଁ ସବୁଜସଙ୍କେତ ଦେଉ ନ ଥିବାରୁ ଆମେ ଧାନ କିଣିପାରୁ ନାହୁଁ ବୋଲି କହିଥିଲେ। ଭିଜିଟିଂ ଅଫିସର ତଥା ଏବିଡିଓ ପୁଷ୍ପାଞ୍ଜଳି ନାଏକଙ୍କୁ ପଚାରିବାରୁ ପ୍ରତ୍ୟେକ ପାକ୍ସକୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ଦିଆସରିଛି, ସେମାନେ ଚାଷୀଙ୍କଠାରୁ ଧାନକିଣା ଆରମ୍ଭ କରିବା କଥା ବୋଲି କହିଥିଲେ। ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବୀ ହେଉଛି।

## ଖଇର ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



ବଲାଙ୍ଗିର,୧୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ରେଞ୍ଜ ଅଧୀନ ସାନଝାଙ୍କରପାଲି ନିକଟରେ ବେଆଇନ ଖଇର ଚାଲାଣ ବେଳେ ଓଲଟିଲା ପଡ଼ିଲା ଟ୍ରକ୍। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୁଲିସ ଜବତ କରିଥିବା ବେଳେ ଖଇର ଗଛ ଥିବାରୁ ବନବିଭାଗକୁ ହସ୍ତାନ୍ତର କରିଥିବା ଜଣାପଡିଛି। ସୂଚନା ଅନୁସାରେ ମଙ୍ଗଳବାର ଭୋର ସମୟରେ ଏକ ଖଇର ବୋଝେଇ ମିନି ଟ୍ରକ୍ ଲୋଇସିଂହା ରେଞ୍ଜ ସରଗାଡ଼ ଫରେଷ୍ଟ ସେକ୍ସନ ଅଧୀନ ସାନଝାଙ୍କରପାଲି ନିକଟ ଏକ ବୁଲାଣିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ମିନି ଟ୍ରକ୍‌ରେ ପ୍ରାୟ ୧୦ କ୍ୱିଣ୍ଟାଲ ଖଇର କାଠ ଥିବାବେଳେ ଦୁର୍ଘଟଣାପରେ ଗାଡ଼ିରେ ଥିବା ଡ୍ରାଇଭର ଫେରାର ରହିଥିବା ଜଣାପଡ଼ିଥିଲା। ସଦର ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏନେଇ ଲୋଇସିଂହା ବନବିଭାଗକୁ ସୂଚନା ଦେଇଥିଲା। ଉକ୍ତ ଗାଡ଼ିକୁ ପୁଲିସ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରିଥିବା ବନବିଭାଗ ସୂଚନା ଦେଇଛି। ତେବେ ଏହି କାଠ ପାଟଣାଗଡ଼ ରେଞ୍ଜ ଅଞ୍ଚଳରୁ ଛତିଶଗଡ଼କୁ ଚାଲାଣ ହେଉଥିବା ଅନୁମାନ କରାଯାଉଛି। ପୂର୍ବରୁ ମଧ୍ୟ ଏହି ଅଞ୍ଚଳରୁ ଖଇର କାଠ ଚାଲାଣ ହେବାର ନଜିର ରହିଛି। ତେବେ ଦୁର୍ଘଟଣା ହେବାରୁ ଏହି କାଠ ଜବତ ହୋଇଥିବା ବେଳେ ଗାଡ଼ି ବିଷୟରେ କୌଣସି ସୂଚନା ମିଳିପାରୁ ନ ଥିବା ଜଣାପଡ଼ିଛି।

## ରାଷ୍ଟ୍ରୀୟ ପେନ୍‌ସନର୍ସ ଦିବସ ପାଳିତ



ବଲାଙ୍ଗିର,୧୭ ।୧୨(ସମିସ):ସର୍ବଭାରତୀୟଅବସରପ୍ରାପ୍ତକେନ୍ଦ୍ର ସରକାରୀ ସଂଘ, ବଲାଙ୍ଗିରଶାଖାତରଫରୁ ଶବରୀନାରାୟଣଧର୍ମଶାଳାଠାରେକାର୍ଯ୍ୟକାରୀସଭାପତି ମଧୁମିର୍ଦ୍ଧାଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ପେନସନର୍ସ ଦିବସ ପାଳିତ ହୋଇଛି। ଅର୍ଜୁନ ଚରଣ ସେଠୀ, ଜିରେମନ ଦୀପ, ବିପିନ ବିହାରୀ ନେଗୀ, ନିଳାଞ୍ଚଳ ହୋତା ଏବଂ ଅନ୍ତର୍ଯ୍ୟାମୀ ପୁଝାରୀ ପେନସନର୍ସ ଏବଂ ବୟୋଜ୍ୟୋଷ୍ଠମାନଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ବିଷୟରେ କିପରି ସଚେତନ ହେବେ, ଜିବନଶୈଳୀ ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ବୃଷଭ ସା ପେନସନ ସଂଘର ତାତ୍ପର୍ଯ୍ୟ ଏବଂ ପେନସନର୍ସ ଦିବସର ଇତିହାସ ବିଷୟରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ରାହାସ ବିହାରୀ ଭୋଇ ସଂଘର ଆୟବ୍ୟୟର ସମୀକ୍ଷା କରି ଗୋରଖପୁରଠାରେ ହୋଇଥିବା ୬୯ତମ ସର୍ବ ଭାରତୀୟ ଦ୍ୱିବାର୍ଷିକ ଅଧିବେଶନ ବିଷୟରେ ଆଲୋକପାତ କରିଥିଲେ। ରମାକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସଭ୍ୟମାନେ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଡାଟାଏଣ୍ଟ୍ରି ଅପରେଟରଙ୍କ ବହିଷ୍କାର ଦାବି

ବଲାଙ୍ଗିର,୧୭ ।୧୨(ସମିସ):ବଲାଙ୍ଗିରଜିଲ୍ଲା ସଦରବ୍ଲକ୍ ଅଧୀନଶିବତଲାଠାରେ ଚାଷୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶିବତଲା କୃଷି ସମବାୟ ସମିତିରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟର ଦେବରାଜ ରାଉତ ମନମୁଖୀ କାର୍ଯ୍ୟ କରୁଛନ୍ତି। ଏହାକୁ ବିରୋଧ କରି ମଙ୍ଗଳବାର ଶିବତଲାର ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଡିଇଓଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଧାନକିଣା ପ୍ରକ୍ରିୟାରେ ଘୋର ଦୁର୍ନୀତି କରିବା ସହିତ ଚାଷୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ। ତେଣୁ ଦେବରାଜ ରାଉତଙ୍କୁ ଅନ୍ୟତ୍ର ସ୍ଥାନାନ୍ତରକରି ତାଙ୍କ ସ୍ଥାନରେ କୌଣସି ଏକ ଭଲ କର୍ମଚାରୀ ନିଯୁକ୍ତି କରିବାକୁ ଦାବି କରିଥିଲେ।

## ପଞ୍ଚମ ଶୁଲିଆ ମହୋତ୍ସବ ପ୍ରସ୍ତୁତି ବୈଠକ



ଦେଓଗାଁ,୧୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଖଇରଗୁରା ଶୁଲିଆପଦା ନିକଟରେ ପଞ୍ଚମ ଶୁଲିଆ ମହୋତ୍ସବ ପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତି କ୍ରମେ ଜାନୁଆରୀ ୫, ୬ ଓ ୭ ୩ଦିନ ଧରି ମହୋତ୍ସବ ଆୟୋଜିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଆଦିବାସୀ ସଂଘ ଜିଲ୍ଲା ସଭାପତି ସତ୍ୟନାରାୟଣ ଭୋଇ, ସୋମନାଥ ଦେହେରିଆ, ହରିହର ଝାଙ୍କର, ନିରଞ୍ଜନ କୁଅଁର, ଯୁବନେତା ଶୈଳେନ୍ଦ୍ର କୁମାର ସାହୁ, ବେଣୁଧର ସିଂ, ପରମେଶ୍ୱର ରାଉତ, ଜୟ ରଣା, ଦୁଷ୍ମନ୍ତ ସାହୁ, ଗୋପୀନାଥ ନାଗ, ରୁପାଧର ପୁଟା ପ୍ରମୁଖ ଯୋଗଦେଇ ଥିଲେ। ଏ ଅବସରରେ ବିଭିନ୍ନ କମିଟି ଗଠନ କରାଯାଇଛି। ବୈଠକରେ କୁଲୁତାପଡ଼ା, ମକୁନ୍ଦପୁର, ଅର୍ଜୁନପୁର, ମହଲାଇ, ବଡବାହାଲ, ଗୌରଗୋଠ, ଉପରଝର, ଗୁଡ଼ଖାପଲା ତଥା ସୋନପୁର ଜିଲ୍ଲାର ବାଲିଖମାର ଓ ଚାରଭଟା ପଞ୍ଚାୟତର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଆମ୍ବ ବଗିଚା ରକ୍ଷଣାବେକ୍ଷଣ ନେଇ ତାଲିମ

ତୁଷୁରା,୧୭ ।୧୨(ସମିସ): ବିରାମୁଣ୍ଡା ପଞ୍ଚାୟତ ଅଧୀନ କର୍ଲାଖମନ ଗ୍ରାମଠାରେ ମା’ ଆଦିଶକ୍ତି ଉଦ୍ୟାନ ବିକାଶ ସମିତି ଓ ସନ୍ଧିସରାର ମା’ ସମଲେଶ୍ୱରୀ ଉଦ୍ୟାନ ବିକାଶ ସମିତିର ସମସ୍ତ ୱାଡି ପ୍ରକଳ୍ପର ସଦସ୍ୟ ଓ ସଦସ୍ୟାମାନଙ୍କୁ ନେଇ ମହାଶକ୍ତି ଫାଉଣ୍ଡେସନ ତରଫରୁ ଆମ୍ବ ବଗିଚାର ରକ୍ଷଣାବେକ୍ଷଣ ନେଇ ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରରେ ୬୦ ଅଂଶଗ୍ରହଣ କରିଥିଲେ। ଉଦ୍ୟାନ ବିଭାଗ ଗୁଡ଼ଭେଲାରୁ ଏଏଚ୍ ଓ ଗୀତିକ୍ରିଷ୍ଣା ନାଏକ ଯୋଗଦେଇ ତାଲିମ ଦେଇଥିଲେ। ଆମ୍ବ ବଗିଚାର ଯତ୍ନ ଓ ପରିଚାଳନା କରିବା ସଙ୍ଗେସଙ୍ଗେ ବଗିଚା ମାଧ୍ୟମରେ କିଭଳି ଜୀବନ ଜୀବିକାକୁ ସୁଦୃଢ଼ କରାଯାଇ ପାରିବ, ସେ ଉପରେ ତାଲିମ ପ୍ରଦାନ କରିଥିଲେ। ମହାଶକ୍ତି ଫାଉଣ୍ଡେସନର ୱାଡି ପ୍ରକଳ୍ପ ଅଫିସର ବରୁଣ ବାଗ ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ।



## ଚତୁର୍ଥ ଦିନରେ ରେଙ୍ଗାଲି ପଟେଲପଡ଼ା ଲୋକ ମହୋତ୍ସବ



ସଇଁତଳା,୧୭ ।୧୨(ସମିସ): ସଇଁତଳା ବ୍ଲକ୍ କୁଇକେଡ଼ା ପଞ୍ଚାୟତ ଅଧୀନରେ ଥିବା ରେଙ୍ଗାଲି ଗ୍ରାମର ଜୟଲକ୍ଷ୍ମୀ କ୍ଲବ ରେଙ୍ଗାଲି ତରଫରୁ ସପ୍ତମ ରେଙ୍ଗାଲି ପଟେଲପଡ଼ା ମହୋତ୍ସବ ମଙ୍ଗଳବାର ଦିନ ଚତୁର୍ଥ ଦିବସରେ ପହଞ୍ଚିଛି। ପ୍ରଥମ ଦିନରେ ସମ୍ବଲପୁରର ଜୋଜୋ ଓ ରୁନାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିବସରେ ସମ୍ବଲପୁରର ଜାଲୁ ଓ ସାଥୀ, ତୃତୀୟ ଓ ଚତୁର୍ଥ ଦିବସରେ ସେଭେନଷ୍ଟାର ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ସଇଁତଳା ବ୍ଲକ୍ ସାମ୍ବାଦିକ ସଂଘର ସଭାପତି ତରୁଣ ବେହେରା, ସମ୍ପାଦକ ଆଲୋକ ସାହୁ, ସାମ୍ବାଦିକ ଗୋକୁଳାନନ୍ଦ ବଗର୍ତ୍ତି, ରଞ୍ଜନ ବାଗ, ପ୍ରମୋଦ ସେଲମା, ରାଖାଲ ପ୍ରସାଦ ଶତପଥୀ, ପ୍ରଦୀପ ବାଗ, ଭଦ୍ରା ସରପଞ୍ଚ ରାଜେନ୍ଦ୍ର ଜାନୀ, ଘୁନସରର ପୂର୍ବତନ ସରପଞ୍ଚ ସନ୍ତୋଷ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୌତୁକ ପଟେଲ ପରିଚାଳନା କରୁଥିବାବେଳେ ପଟେଲ ପଡ଼ା ମହୋତ୍ସବ କମିଟିର ସଭାପତି କ୍ରିଷ୍ଣା ପଟେଲ, ଉପସଭାପତି ପ୍ରମୋଦ ପଟେଲ, ସମ୍ପାଦକ ମହେନ୍ଦ୍ର ପଟେଲ, ସହ-ସମ୍ପାଦକ ଜଗତଲାଲ ପଟେଲ, ସଦସ୍ୟ ରାଜକୁମାର, ନିତାଇ, ରିଣ୍ଟୁ, ଫିଟୁ, ସୀତାଂଶୁ, ଆକାଶ, ଜ୍ୟୋତିମୟ ରୋହିତ, ରବୀନ୍ଦ୍ର, ଶଶୀ, ଆକାଶ, ବିଷ୍ଣୁ, ଶିଳ୍ପ, ସର୍ଜନ, ପ୍ରଫୁଲ୍ଲ, ବଶିଷ୍ଟ, ଗୋଗୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

## ରକ୍ତଦାନ ଶିବିର ; ୧୧୫ ୟୁନିଟ୍ ସଂଗ୍ରହ



ଲୋଇସିଂହା,୧୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଅଗ୍ରେସନ ଭବନଠାରେ ସ୍ଥାନୀୟ ମାରୱାଡି ଯୁବା ମଞ୍ଚ ଶାଖା ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବାମଞ୍ଚ ଅଧ୍ୟକ୍ଷ ସୌରଭ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୧୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଗତ ବର୍ଷ ଯୁବାମଞ୍ଚ ପକ୍ଷରୁ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ୧୦୫ ୟୁନିଟ ରକ୍ତ ସଂଗ୍ରହୀତ ହୋଇଥିବା ବେଳେ ଆସନ୍ତା ଦିନରେ ଯୁବକ ଓ ମହିଳାମାନଙ୍କ ମଧ୍ୟରେ ରକ୍ତଦାନକୁ ନେଇ ସଚେତନତା ସୃଷ୍ଟି କରିବା ସହ କିଭଳି ଲୋଇସିଂହା ଅଞ୍ଚଳରେ ଅଧିକରୁ ଅଧିକ ରକ୍ତ ଏହିଭଳି ଶିବିର ମାଧ୍ୟମରେ ସଂଗୃହୀତ ହୋଇପାରିବ ସେ ଦିଗରେ ଯୁବାମଞ୍ଚ ପକ୍ଷରୁ ଚେଷ୍ଟା କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ। ସେହିପରି ଯୁବାମଞ୍ଚ ପକ୍ଷରୁ ଅନେକ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ରକ୍ତଦାନ ଶିବିର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଓ ନିଜ ପରିବାର ପରିଜନ ମଧ୍ୟରେ ରକ୍ତଦାନକୁ ନେଇ ଉତ୍ସାହ ରହିଥିବା ସମ୍ପାଦକ ଅଭିଷେକ ଅଗ୍ରୱାଲ ପ୍ରକାଶ କରିଥିଲେ। ମହିଳା ସମିତି ଅଧ୍ୟକ୍ଷା ଗାୟିତ୍ରୀ ଅଗ୍ରୱାଲ, ସମ୍ପାଦିକା ସୁଶୀଳା ଅଗ୍ରୱାଲ, ଅନିତା ଅଗ୍ରୱାଲ, ମାରୱାଡି ସମ୍ମେଳନ ସଭାପତି ରାଜକୁମାର ଅଗ୍ରୱାଲ, ସମ୍ପାଦକ କୈଳାସ ଅଗ୍ରୱାଲ , ଯୁବାମଞ୍ଚ କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲ, ସୁଦାମ ଅଗ୍ରୱାଲ, ସାହିଲ ଅଗ୍ରୱାଲ, ମୋହନ ଅଗ୍ରୱାଲ, ବ୍ଲକ ରକ୍ତଦାନ ଶିବିର ଆବାହକ ବିକାଶ ଅଗ୍ରୱାଲ, ପ୍ରାନ୍ତୀୟ କମିଟି ସଦସ୍ୟ ବିକାଶ ଅଗ୍ରୱାଲ, ରୋହିତ ଅଗ୍ରୱାଲ, ରାକେଶ ଅଗ୍ରୱାଲ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଅଞ୍ଚଳର ୧୧୫ ରକ୍ତଦାତା ଏହି ଶିବିରରେ ରକ୍ତଦାନ କରିଥିବାବେଳେ ବଲାଙ୍ଗିର ରକ୍ତଭଣ୍ଡାରର କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ମା’ କୁସୁଙ୍ଗେଇ କଳାପରିଷଦର ବାର୍ଷିକ ଉତ୍ସବ ପ୍ରସ୍ତୁତି

ଲୋଇସିଂହା,୧୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଅଞ୍ଚଳର ମା’ କୁସୁଙ୍ଗେଇ କଳାପରିଷଦର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ କୁସୁମେଲ ରାମଜୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାର କାଶିନାଥ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅନେକ ଲୋକକଳା ଦଳର ସଭ୍ୟସଭ୍ୟା ଯୋଗଦେଇଥିଲେ। ଚଳିତବର୍ଷ ବାର୍ଷିକ ଉତ୍ସବକୁ ଆହୁରି ଆଡମ୍ବରପୂର୍ଣ୍ଣ କରାଯାଇପାରିବ, ଅଞ୍ଚଳରେ ହଜିହଜି ଯାଉଥିବା ପୁରାତନ ଲୋକକଳାକୁ ପୁଣି ଲୋକଲୋଚନକୁ କିପରି ଅଣାଯାଇପାରିବ, ବୃଦ୍ଧ କଳାକାରମାନଙ୍କୁ କିପରି କଳାକାର ଭତ୍ତା ପାଇ ପରିବେ ସେ ଦିଗରେ ସଚେତନତା କରିବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଆବାହକ ଲମ୍ବୋଦର ସାହୁ ସମସ୍ତ କଳାକାର ଏକଜୁଟ ହୋଇ କଳାକାରମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବିଭାଗ ତଥା ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ କଳାକାର ମଧୁ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଲାଙ୍ଗିର ବ୍ରାହ୍ମଣ ମହାସଭାର ବୈଠକ

ବଲାଙ୍ଗିର,୧୭।୧୨(ସମିସ): ସ୍ଥାନୀୟ ନରସିଂହ ମନ୍ଦିର ପରିସରରେ ବ୍ରାହ୍ମଣ ମହାସଭାର ବୈଠକ ସଭାପତି ଧନଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଆଇନଜୀବୀ ଜୟରାମ ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ପର୍ଶୁରାମ ନାୟକ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ସଭାପତି ଧନଞ୍ଜୟ ମିଶ୍ର ତାଙ୍କ ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ସଭାପତି ପଦରୁ ତାଙ୍କର ଇସ୍ତଫା ପତ୍ର ଦେଇଥିବା ସମ୍ପାଦକ ମିଶ୍ର ପ୍ରକାଶ କରିଥିଲେ। ସଭାରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ପରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇ ସଭାପତିଙ୍କ ଇସ୍ତଫାପତ୍ର ଗ୍ରହଣ କରାଯାଇଥିଲା। ଉପସଭାପତି ଗୋପବନ୍ଧୁ ପୁରୋହିତ ବର୍ତ୍ତମାନ କମିଟିର କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ଭାରପ୍ରାପ୍ତ ସଭାପତି ଭାବେ ବ୍ରାହ୍ମଣ ମହାସଭାର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ନିଷ୍ପତ୍ତି ନିଅଯାଇଥିଲା ଏବଂ ସମ୍ପାଦକ ମହୋଦୟଙ୍କୁ ସାଧାରଣ ସଭା ଡାକିବା ପାଇଁ ଅନୁରୋଧ କରାଗଲା। ଗୋପବନ୍ଧୁ ପୁରୋହିତ ସଭାପତି ଦାୟିତ୍ୱ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସଭାରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

## ଦେଓଗାଁ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଦେଓଗାଁ,୧୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ସମିତି ଯୁକ୍ତଦୁଇ କଲେଜର ନେହରୁ ଖେଳପଡିଆଠାରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଉପମନ୍ୟୁ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡା. ଶଶି ଭୂଷଣ ସାହୁ, ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ଦେବଦତ୍ତ ଗୁରୁ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଥମବର୍ଷ କଳା ଛାତ୍ର ବାଳକ ବିଭାଗରେ ଶଶାଙ୍କ ପାତ୍ର ଓ ଦ୍ୱୀତିୟ ବର୍ଷ କଳାଛାତ୍ରୀ ବାଳିକା ବିଭାଗରେ ନିରୁପମା ମଲ୍ଲିକ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଏ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଗିରିଗୋବର୍ଦ୍ଧନ ବିଶ୍ୱାଳ ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସନ୍ତୋଷ କୁମାର ଜାନି ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ଜବତ; ୩ କୋର୍ଟ ଚାଲାଣ



ବଙ୍ଗୋମୁଣ୍ଡା,୧୭ ।୧୨(ସମିସ): ବଙ୍ଗୋମୁଣ୍ଡା ଗୋଲେଇ ଛକ ଠାରେ ପାଟ୍ରୋଲିଂ କରୁଥିବାବେଳେ ତିନୋଟି ହାଇୱାକୁ ବଙ୍ଗୋମୁଣ୍ଡା ପୁଲିସ ଅଟକ ରଖିଛି। ଏଥିରେ ତିନି ଚାଳକକୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି। ଗିରଫ ଚାଳକମାନେ ହେଲେ ଶମ୍ଭୁ କୁମ୍ଭାର, ଜଗମୋହନ ବାଗ (୪୦) ଓ ଭମର ନାଗ।

### ୨୩ ଦିନରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା

# ହରିଶଙ୍କର ବଣିକ ସଂଘର ଶତାଧିକ କର୍ମୀଙ୍କ ସମର୍ଥନ






ଖପ୍ରାଖୋଲ, ୧୭ ।୧୨ (ସମିସ): ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ପରିସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା ୨୩ ଦିନରେ ପହଞ୍ଚି ଥିବା ବେଳେ ଆଜି ନାନ୍ଦୁପଲା ଗ୍ରାମ ତଥା ହରିଶଙ୍କର ବଣିକ ସଂଘ, ଗନ୍ଧଗିରି ମହିଳା ଓ ଗନ୍ଧଗିରୀ ଯୁବକ ସଂଘର ଶ ଶହ ମହିଳା ପୁରୁଷ ଖପ୍ରାଖୋଲ ପେଟ୍ରୋଲ ପମ୍ପଠାରୁ ବାହାରି "ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ଆମର ଦାବି" ନାରା ଦେଇ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା ସ୍ଥଳରେ ପହଞ୍ଚିଥିଲେ। ଗଣଧାରଣାସ୍ଥଳରେ ନାରୀନେତ୍ରୀ ଶଶିରେଖ ଧରୁଆ କହିଥିଲେ ଯେ ଗଣଧାରଣାକୁ ୨୩ ଦିନ ବିତିଯାଇଥିଲେ ହେଁ ପ୍ରଶାସନର ଆନ୍ଦୋଳନକାରୀମାନଙ୍କ ପ୍ରତି ଦରଦ ନ ଥିବା ଭଳି ଦେଖାଯାଉଛି। ସରକାରୀ ଅଧିକାରୀ ତଥା ନେତା ମନ୍ତ୍ରୀ ମାନେ କେବଳ ଅର୍ଥ ଲୋଭରେ ଗନ୍ଧମାର୍ଦ୍ଦନ ପାହାଡକୁ ବିକିଦେବାକୁ ଚକ୍ରାନ୍ତ ଚଳାଇଛନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ମହିଳା ସଭା ନେତ୍ରୀ ପାରାବତୀ ପୂଝାରୀ, ନୀଳବନ୍ତି ବରିହା, ହରିଶଙ୍କର ବଣିକ ସଂଘର ସଭାପତି ପଞ୍ଚମ ପଧାନ, ଜନ୍ମେଜୟ ସାହୁ ଗନ୍ଧାଗିରି ଯୁବକ ସଂଘ ସଭାପତି ରଦ୍ରସିଂ ପୁଝାରୀ , ଆଶିଷ ଠେଲା ପ୍ରମୁଖଙ୍କ ନେତୃତ୍ୱରେ ଶହ ଶହ ମହିଳା ପୁରୁଷ ଗଣଧାରଣା ରେ ସାମିଲ ହୋଇଥିଲେ। ଏହି ଅବସରରେ ହରିଶଙ୍କରଠାରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏହି ଅବସରରେ ବୃନ୍ଦାବନ ବାରିକ ଗନ୍ଧମାର୍ଦ୍ଦନ କେଉଁ ସିଂ ଦେଓଙ୍କ ଖମାର ନୁହେଁ ଯେ ସେ ବିକିଦେବେ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଜୟସିଂ ପୁଝାରୀ, ଉପଦେଷ୍ଟା ସୁଶୀଲ ନାୟକ, ଟେକେନ୍ଦ୍ର ଜାଲ, ତନ୍ତ୍ର ଧରୁଆ , ବିନୋଦ ଠେଲା ପ୍ରମୁଖ ଉପସ୍ଥିତ ଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ରେବତୀ ବେହେରା
ରେଖା ନିବାସ, ବମିଖାଲ
ତିରୋଧାନ: ୯/୧୨/୨୦୨୪
ଏମିତି ଏକ ଡିସେମ୍ବରରେ ଏ ଘରକୁ ଆସିଥିଲ, ପୁଣି ଡିସେମ୍ବର ମାସରେ ଘର ଛାଡ଼ି ଚାଲିଗଲ। ତୁମେ ସମସ୍ତଙ୍କ ମା’ ଲକ୍ଷ୍ମୀ ହୋଇ ରହିଥିଲ, ରହିଥିବ। ତୁମର ସ୍ନେହ, ମମତା ଅପୂରଣୀୟ। ତୁମେ ସବୁବେଳେ ଆମ ହୃଦୟରେ ଥିଲ ଆଉ ରହିଥିବ। ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଦତଳେ ଅଶ୍ରୁଳ ପ୍ରାର୍ଥନା।
ତୁମର ହତଭାଗ୍ୟ ସ୍ୱାମୀ: ଗୌରାଙ୍ଗ
ପୁତ୍ର: ବାବୁନି, ବୁଲୁ, କୁଲୁ, ପୁତ୍ରବଧୂ: ରଶ୍ମି, ଏଲି, ଟୁନି, ଝିଅ: ରୀନା, ଲୀତା, ଲୀନା
ଜ୍ୱାଇଁ: ଡମରୁ, ଗଗନ, ପତ୍ରୋଷ
ନାତିନାତୁଣୀ ଓ ଅନ୍ୟମାନେ

**ଭୁଶୁଡୁଛି ଶିକ୍ଷା, ଉଜୁଡୁଛି କୋମଳମତି ପିଲାଙ୍କ ଭବିଷ୍ୟତ**

# ଅବ୍ୟବସ୍ଥାରେ ଗୁଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ





**ଥୁଆମୂଳ ରାମପୁର, ୧୭ ।୧୨(ସମିସ):**

- **ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ମାତ୍ର ୨ଟି ଶ୍ରେଣୀ କକ୍ଷ**
- **ଘରୁ ବୋତଲରେ ପାଣି ଆଣୁଛନ୍ତି ଛାତ୍ରଛାତ୍ରୀ**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁରସ୍ଥିତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସମସ୍ୟାରେ ଗତି କରୁଛି । ଏହୀ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ରହିଛି । ଏହା ସହିତ ବିଶୁଦ୍ଧ ପାନୀୟ ଜଳର ସମସ୍ୟା ରହିଛି । ପାଣି ବ୍ୟବସ୍ଥା ନ ଥିବାରୁ ଶୌଚାଳୟ ମଧ ବ୍ୟବହାରଯୋଗ୍ୟ ହେଉନାହିଁ। ଗତ ବର୍ଷ ଜୁଲାଇ ମାସର ପ୍ରବଳ ବର୍ଷା ପବନ ଯୋଗୁଁ ବିଦ୍ୟାଳୟର ଏକ କୋଠାର ଛାତ ଭୁଶୁଡି ପଡ଼ିଛି । ଏହାର ମରାମତି ହୋଇଥିଲେ ମଧ ବର୍ତ୍ତମାନ ବି ବିପଦସଂକୁଳ ଅବସ୍ଥାରେ ରହିଛି । ଶ୍ରେଣୀ ଗୃହର ଅଭାବ ଦେଖାଦେଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଥିବା ଏହି ବିଦ୍ୟାଳୟରେ ଚଳିତ ବର୍ଷ ୧୪୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପାଇଁ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ହିଁ ଭରସା ସାଜିଛି । ଏକ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ହେଉଥିବା ବେଳେ ତାହା ମଧ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି । ବିଦ୍ୟାଳୟରେ ଏକ ନଳକୂପ ରହିଥିବା ବେଳେ ତାହା ବ୍ୟବହାର ଯୋଗ୍ୟ ହେଉନି । ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ରହୁଛି । ମଧ୍ୟାହ୍ନ ଭୋଜନ ସମୟରେ ଅବା ଆବଶ୍ୟକ ସମୟରେ ଛାତ୍ରଛାତ୍ରୀ ପିଇବା ପାଣି ବ୍ୟବସ୍ଥା ନ ଥିବା ଯୋଗୁଁ ଘରୁ ବୋତଲରେ ପାଣି ନେଇ ବିଦ୍ୟାଳୟ ଆସୁଛନ୍ତି ।

# ଲଡୁଗାଁ କଲେଜର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**କୋକସରା/ଲଡୁଗାଁ, ୧୭ ।୧୨(ସମିସ):** କୋକସରା ବ୍ଲକ ଲଡୁଗାଁ ହାୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଡ଼ ନିହାରକାନ୍ତ ପଣ୍ଡା ସ୍ଥାନୀୟ ହନୁମାନ ମନ୍ଦିର ରୁ କ୍ରୀଡ଼ା ଉତ୍ସବକୁ ବାହାରିଥିବା ମଶାଲକୁ ସ୍ଥାପନ କରି ଉଦ୍ଘାଟନ କରିଥଲେ ଏବଂ ସାମୂହିକ ଭାବେ ପରେଡର ଅଭିଭାଦନ ଜଣାଇଥିଲେ । ଖେଳ ଶିକ୍ଷକ ବିରେନ୍ଦ୍ର ନାରାୟଣ ଦାସ ଏବଂ ଚିଲିଗୁଡ଼ା କସ୍ତୁରବା ସ୍କୁଲର ଶିକ୍ଷକ କିଶନ ଧ. ମାଝୀଙ୍କ ନେତୃତ୍ୱରେ ୨୩ଟି ଖେଳ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ପ୍ରାଧ୍ୟାପକ ପ୍ରେମାନନ୍ଦ ସାହା ଖେଳର ଧାରା ବିବରଣି ଦେବା ସହ ଉଦ୍‌ଘାଟନି ଉତ୍ସବର ସଂଯୋଜନା କରିଥିଲେ । ଅଧକ୍ଷ ଡ଼ ନିହାର କାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତ ରଞ୍ଜନ ଠାକୁର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀକାନ୍ତ ପାଢ଼ୀ ଯୋଗଦାନ କରି ସାମୁହିକ ପରେଡର ଅଭିବାଦନ ଗ୍ରହଣ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ଯୋଶୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଧ୍ୟାପିକା କଲ୍ୟାଣୀ ମହାନ୍ତି, ଅଧ୍ୟାପିକା ଅଙ୍କିତା ଖୁରା, ଅଧ୍ୟାପକ ଶଙ୍କର ସତନାମି, ଭାଗବତ କଟା, ଭାରତ ଭୂଷଣ ଠାକୁର, ବିଭୁ ରଞ୍ଜନ ସାହୁ, ତୁଳସୀ ରାମ ବାଗ, ଦିବାକର ଦୁର୍ଗା, ଭାନୁମତୀ ମାଝୀ, ସ୍ୱପ୍ନା ନାଏକ, ଶ୍ରୀକାନ୍ତ ଶର୍ମା, ଆଦିତ୍ୟ ଦାସ ସମେତ ସ୍କୁଲର ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ । ବର୍ଷର ଶ୍ରେଷ୍ଠ ଛାତ୍ର କ୍ରୀଡାବିତ୍ ପୁରସ୍କାର ମୁକେଶ ବଗର୍ତ୍ତି ହାସଲ କରିଥିବା ବେଳେ ଛାତ୍ରୀ କ୍ରୀଡାବିତ୍ ପୁରସ୍କାର ଲତା ମଞ୍ଜରୀ ନିଆଲ ହାସଲ କରିଛନ୍ତି । ପ୍ରାଧାପକ ପ୍ରେମାନନ୍ଦ ସାହା ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଆନ୍ତର୍ଜାତିକ ଭାଷା ସମ୍ମିଳନୀରେ ନୂଆପଡ଼ାରୁ ଡ.ମହେନ୍ଦ୍ର ମିଶ୍ର

ନୂଆପଡ଼ା, ୧୭।୧୨(ସମିସ): ରୁଷିଆର ରାଜଧାନୀ ମସ୍କୋରେ ବିଜ୍ଞାନ ଓ ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ପ୍ରଥମ ୟରେସିଆ ଭାଷା ସମ୍ମିଳନୀରେ ଓଡ଼ିଶାର ଭାଷାବିତ ତଥା ନୂଆପଡ଼ା ନିବାସୀ ଡ.ମହେନ୍ଦ୍ର କୁମାର ମିଶ୍ର ଯୋଗଦେଇ ଦକ୍ଷିଣ ଏସିଆରେ ବହୁଭାଷିକ ଶିକ୍ଷା ତଥା ଓଡ଼ିଶାର ବହୁ ଭାଷିକ ଶିକ୍ଷା ଉପରେ ବକ୍ତବ୍ୟ ରଖିଥିଲେ । ଉକ୍ତ ସମ୍ମିଳନୀ ଚଳିତ ମାସ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଇଥିଲା । ଏଥିରେ ବିଶ୍ୱର ଦୁଇ ଶହରୁ ଅଧିକ ଦେଶର ଭାଷାବିତମାନେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ଦେଶ କିପରି ଭାଷାର ବ୍ୟାକରଣ ଆଲୋଚନା ସହିତ ଭାଷାର ସୁରକ୍ଷା, ବିକାଶ ତଥା ବିଶ୍ୱର ବହୁ ଭାଷିକତାର ଆବଶ୍ୟକ୍ତା ଉପରେ ଉପସ୍ଥାପନ କରିଥିଲେ । ଆଗାମୀ ବିଶ୍ୱର ଭାଷା କିପରି ମାନବୀୟ ତଥା ଟେକ୍ନୋଲଜିର ମିଶ୍ରଣରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି । ଭୂମି ଓ ଭାଷା ତଥା ପରିଚିତିର ସମ୍ପର୍କ କିପରି ରାଷ୍ଟ୍ରର ରାଜନୀତି ଓ ଇତିହାସକୁ ପ୍ରଭାବିତ କରୁଛି ତାହା ମଧ ଆଲୋଚନା ହୋଇଥିଲା । ସମ୍ମିଳନୀରେ ରୁଷ, ଇରାନ, ମଧ୍ୟ ଏସିଆ ଓ ଭାରତର ଭାଷା ସମୂହ କିପରି ମଧ୍ୟ, ପୂର୍ବ ଓ ଦକ୍ଷିଣ ଏସିଆର ଇତିହାସ ଓ ସଭ୍ୟତାର ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ବହନ କରିଛି ସେନେଇ ଆଲୋଚନା କରାଯାଇଥିଲା ।

**● କେନ୍ଦ୍ରୀୟ ବିଦ୍ୟାଳୟ**

## ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲିବାକୁ ଦାବି

ନୂଆପଡ଼ା, ୧୭।୧୨(ସମିସ): ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲି ନଥିବାରୁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଛି । ଉକ୍ତ ବିଭାଗ ନଥିବାରୁ ବହୁ ଛାତ୍ରଛାତ୍ରୀ ବାହାର ଜିଲ୍ଲା/ରାଜ୍ୟକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ତେଣୁ ଏହା ଖୋଲିବା ପାଇଁ ମଙ୍ଗଳବାର ଅଭିଭାବକ ସଂଘ ସଭାପତି କ୍ଷୀତିଶ ଆଶୋକ ବୋଧଙ୍କରଙ୍କ ଅଧ୍ୟକ୍ଷତାରେ ଅଭିଭାବକମାନେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଆଗକୁ ବିଦ୍ୟାଳୟ କୋଠା ନିର୍ମାଣ କାର୍ଯ୍ୟ ଚାଲିଛି । ତେଣୁ ସମ୍ପୂର୍ଣ୍ଣ ହେବା ଯାଏଁ ନ୍ୟାସନାଲ ହାଇସ୍କୁଲ କୋଠାରେ ପାଠପଢ଼ା ବ୍ୟବସ୍ଥା କରିବାକୁ ମଧ ପ୍ରସ୍ତାବ ଦିଆଯାଇଛି । ଜିଲ୍ଲାପାଳ ଏହା ଉପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆନୁଷଙ୍ଗିକ ବ୍ୟବସ୍ଥା କରିବା ସହ ନ୍ୟାସନାଲ ହାଇସ୍କୁଲର କୋଠରୀ ବ୍ୟବସ୍ଥା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏହା ଖୋଲିବା ନେଇ ଏକ ପ୍ରକାର ବାଟ ଫିଟିଥିବା ଅଭିଭାବକ ମାନେ ଆଶା ପ୍ରକଟ କରିଛନ୍ତି । ଦାବିପତ୍ର ଦେବା ସମୟରେ ବିଜେପି ନେତା ଯଦୁମଣି ପାଣିଗ୍ରାହୀ, ଅଭିଭାବକ ମୋହନ ବାଗ, ହେମନ୍ତ ଭୋଇ ଓ ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୫ରେ ନୂଆପଡ଼ାରେ ଯୁବଉତ୍ସବ

ନୂଆପଡ଼ା, ୧୭।୧୨(ସମିସ): ନେହେରୁ ଯୁବକେନ୍ଦ୍ର ନୂଆପଡ଼ା ଦ୍ୱାରା ଡିସେମ୍ବର୨୫ତାରିଖ ଦିନ ଆୟୋଜିତ ହେବ ଯୁବଉତ୍ସବ ୨୦୨୪-୨୫ । ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଏନେଇ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଯୁବ ସଂଯୋଜକ ପ୍ରସନ୍ନ କୁମାର ମେହେର କାର୍ଯ୍ୟକ୍ରମର ରୂପରେଖ ରଖିଥିଲେ । ଏହା ନ୍ୟାସନାଲ କଲେଜ ପରିସରରେ ହେବାକୁ ସ୍ଥିରିକୃତ ହୋଇଛି । ଏଥିରେ ୧୫ ବର୍ଷରୁ ଅଧିକ ବୟସର ଯୁବକମାନେ ଭାଗ ନେବେ । ଏଥିରେ ଯୁବ ପ୍ରତିଭାମାନଙ୍କୁ ନେଇ ବିଜ୍ଞାନ ମେଳା, ଆର୍ଟିଷ୍ଟ ପେଣ୍ଟିଂ, କବିତା, ଫୋଟୋଗ୍ରାଫି, ବକ୍ତୃତା ପ୍ରତିଯୋଗିତାସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ଏହାକୁ କିପରି ବ୍ୟାପକ ଏବଂ ଶୃଙ୍ଖଳିତ କରାଯାଇପାରିବ ସେ ଉପରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଆରକେ ମାହାର, ଜିଲ୍ଲା କ୍ରିଡ଼ାଧିକାରୀ ରାଜେନ୍ଦ୍ର କୁମାର ବଡେଇ, ନ୍ୟାସନାଲ କଲେଜରୁ ଅଧାପିକା ନନ୍ଦିନୀ ମଞ୍ଜରୀ ହୋତା, ପ୍ରକାଶ କୁମାର ସାହୁ, ସଚିନ ବାବୁ, ସାରଳା ସଙ୍ଗୀତ ଅନୁଷ୍ଠାନ ସଭାପତି ଶଙ୍କର୍ଷଣ ପୁରୋହିତ, ଜିଲ୍ଲା ସାମ୍ବାଦିକ ସଂଘ 'ଜାନ'ର ସଭାପତି ଘନଶ୍ୟାମ ଭୋଇ, ଏନଜେଡଏସଏସ ସଭାପତି ସୁରେଶ କୁମାର ଆଚାରୀ ଓ ଅଭିଷେକ ଅଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭେଟେରାନ୍ ଫୁଟବଲ ଆସୋସିଏସନର ବନ୍ଧୁମିଳନ



ଭବାନୀପାଟଣା, ୧୭ ।୧୨ (ସମିସ): ସହର ଉପକଣ୍ଠସ୍ଥ ଚକ୍ରଧର ନଗରସ୍ଥିତ ଶାସ୍ତ୍ରୀଜୀ ଶିକ୍ଷା ନିକେତନ ପରିସରରେ କଳାହାଣ୍ଡି ଜିଲ୍ଲା ଭେଟେରାନ ଫୁଟବଲ ଆସୋସିଏସନ ତରଫରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁସାହିତ୍ୟକ ଜୟନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୈଦ୍ୟନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭେଟେରାନ ଫୁଟବଲ ଖେଳାଳିଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନ ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଳାହାଣ୍ଡି ଭେଟେରାନ ଫୁଟବଲ ଖେଳାଳିଙ୍କ ଆବାହକ ତଥା ସାଙ୍ଗଠନିକ ମୁଖ୍ୟ କିଶୋର ସାହୁ, ଦୁର୍ଗା ଚରଣ ମିଶ୍ର, ତ୍ରିବେଣୀ ଭୂଷଣ ମିଶ୍ର, ସାହାନଜ ମହମ୍ମଦ, କିଶୋରୀ କାନ୍ତ ସାହାଣୀ, ସୁଦର୍ଶନ ପ୍ରଧାନ, ଧବଳେଶ୍ୱର ପଣ୍ଡା ଓ ଓକିଲ ଖାଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**ମାନସ ରଞ୍ଜନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ଭଇଁରୀଗୁଡ଼ାକୁ ହରାଇ ଝାରକୁଣ୍ଡାମାଲ ଚାମ୍ପିଅନ୍

**କୋକସରା, ୧୭ ।୧୨(ସମିସ):** କୋକସରା ବ୍ଲକ ଡଙ୍ଗରୀଗୁଡା ବସୁନ୍ଧାରୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଚାଲିଥିବା ମାନସ ରଞ୍ଜନ ପାତ୍ର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଫାଇନାଲ ଖେଳ ଝାରକୁଣ୍ଡାମଲ-ଭଇଁରୀଗୁଡା ଦଳ ମଧ୍ୟରେ ହୋଇଥିଲା । ଝାରକୁଣ୍ଡାମାଲ ଦଳ ୨/୧ ଗୋଲ ସ୍କୋରରେ ଭଇଁରୀଗୁଡା ଦଳକୁ ହରାଇ ଟୁର୍ଣ୍ଣାମେଣ୍ଟର ବିଜେତା ହୋଇଛି । ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର, ଉଦ୍ୟୋଗପତି ବିକ୍ରମ ଗୁପ୍ତା, ସମାଜସେବୀ ଯଶୋବନ୍ତ ନାଏକ, କୋକସରା ବ୍ଲକ ସାମ୍ବାଦିକ ସଂଘର ସଭାପତି ଚକ୍ରଧର ବେଶ୍ରା, ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ, ନିହାର ରଞ୍ଜନ ମୁଣ୍ଡ, କେତନ ପାତ୍ର, ଅନିରୁଦ୍ଧ ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅମୋଜ କୁମାର ପଣ୍ଡା, ତ୍ରିନାଥ ଶବର, ଅର୍ଜୁନ ଭାଟି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱର୍ଗତ ମାନସ ରଞ୍ଜନ ପାତ୍ରଙ୍କ ବାପା କୃପାସିନ୍ଧୁ ପାତ୍ର, ମାତା ପ୍ରମୋଦିନୀ ପାତ୍ର ଓ ପରିବାର ଲୋକ ଖେଳ ପଡ଼ିଆରେ ଉପସ୍ଥିତ ରହିଥିଲେ । ଅତିଥିମାନଙ୍କ ଦ୍ୱାରା ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା । ଖେଳକୁ ପିଇଟି ମନୋଜ ରଥ ପରିଚାଳନା କରିଥିବା ବେଳେ ଲାଇନ୍ସରେ ନବୀନ କୁମାର ବଗର୍ତ୍ତି, ଶେଷଦେବ ମଲ୍ଲିକ ଓ ରାଜକୁମାର ହେର୍ଣ୍ଣା ସହଯୋଗ କରିଥିଲେ । ଖେଳର ଧାରାବିବରଣୀ ଶିକ୍ଷକ ବୈକୁଣ୍ଠ ଜାଲ, ବାବୁଲାଲ ଶବର ଓ ସୁନିଲ କୁମାର ଦାସ ପ୍ରଧାନ କରିଥିଲେ । ଆୟୋଜକ ଅନୁଷ୍ଠାନର ମଧୁସୂଦନ ପାତ୍ର, ଦେବେନ୍ଦ୍ର କୈବର୍ତ୍ତ, ହିମାଂଶୁ ମାଝୀ, ବେଦାନ୍ତ ଭୋଇ, ଉତ୍ସବ ଭୋଇ, ସୁନ୍ଦର ଲାଲ କୈବର୍ତ୍ତ, ଦିନବନ୍ଧୁ ଭୋଇ, ଅଭି କୈବର୍ତ୍ତ, ଭେଙ୍କଟେଶ ନାଏକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।



## ଜବାହର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

କୋକସରା, ୧୭ ।୧୨(ସମିସ): କୋକସରା ବ୍ଲକ ସଦର ମହକୁମାସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରିଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ଥାନୀୟ ଠାକୁରାଣୀ ମନ୍ଦିର ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟରେ ପହଞ୍ଚି ମଶାଲ ସ୍ଥାପନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଅଗ୍ରୱାଲଙ୍କ ଦ୍ୱାରା ବିଦ୍ୟାଳୟର ନୂତନ କୋଠା ମଧ ଉଦଘାଟନ ହୋଇଥିଲା । ଖେଳ ଶିକ୍ଷକ ଅମିତ୍ ମହାନ୍ତିଙ୍କ ସଂଯୋଜନାରେ ଛାତ୍ର ଛାତ୍ରୀମାନଙ୍କ ଖେଳକୁଦ ପ୍ରତିଯୋଗିତା ହୋଇଥିଲା ।

## ଟ୍ରକ୍ ଓ ବୋଲେରୋ ଡ୍ରାଇଭରକୁ ବର୍ଷେ ଜେଲ

କେସିଙ୍ଗା, ୧୭ ।୧୨(ସମିସ): ମଙ୍ଗଳବାର ଦିନ କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଧନଞ୍ଜୟ ନାୟକ ଙ୍କ ଅଦାଲତରେ ଦୁଇ ଅଭିଯୁକ୍ତ ଙ୍କୁ ଏକ ବର୍ଷ ଲେଖାଏଁ ଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା ଦେବା ପାଇଁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ଏକ ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଅଛି ।ପ୍ରକାଶ ଥାଉକି କେସିଙ୍ଗା ଅଦାଲତର କେସନ ୧୫/୭୦ ୨୦୧୪ ଅନୁଯାୟୀ କେସିଙ୍ଗାରୁ ଯାତ୍ରୀବାହୀ ବୋଲେରୋ ଭବାନୀପାଟଣା ପଟେ ଯାଉଥିବା ବେଳେ ରାତି ପ୍ରାୟ ତିନି ଟା ସମୟରେ ଜାତୀୟ ରାଜପଥ ୨୬ ଉପରେ ଗାଇଗାଁ ପାଖାପାଖି ଭବାନୀପାଟଣା ପଟୁ ଦୃତ ଗତିରେ ଆସୁଥିବା ଏକ ଟ୍ରକ୍ ବେପରୁଆ ଭାବରେ ବୋଲେରୋ ସହ ଧକ୍କା ହୋଇଥିଲା ।ଫଳରେ ବୋଲେରୋ ଭିତରେ ବସିଥିବା ୬ ଜଣ ଯାତ୍ରୀ ଗୁରୁତର ହୋଇଥିଲେ । ପରେ ସମସ୍ତ ୬ ଜଣଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ।ସେଥିମଧ୍ୟରୁ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସମସ୍ତ ୧୯ ଜଣଙ୍କ ସାକ୍ଷ୍ୟ ଓ ବୟାନ ଏବଂ ପାରିପାର୍ଶିକ ଘଟଣାବଳୀ କୁ ଆଧାର କରି ଅଭିଯୁକ୍ତ ବୋଲେରୋ ଡ୍ରାଇଭର ମୁକେଶ ସାହୁ ଏବଂ ଟ୍ରକ୍ ଡ୍ରାଇଭର ଏସ ଶ୍ରୀନିବାସ ରାଓଙ୍କୁ ଅଦାଲତ ମଙ୍ଗଳବାର ଦଣ୍ଡ ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଓକିଲ ସତ୍ୟନାରାୟଣ ଜୈନ ଓ ପ୍ରକାଶ ଦାସ ପରିଚାଳନା କରିଥିଲେ ।

## କଳାହାଣ୍ଡି ଉତ୍ସବ ଘୁମୁରା : ପ୍ରସାର ପ୍ରଚାର କମିଟି ବୈଠକ

ଭବାନୀପାଟଣା, ୧୭ ।୧୨(ସମିସ):କଳାହାଣ୍ଡିର କଳା, ସଂସ୍କୃତି, ଐତିହ, ପରମ୍ପରାର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଆସନ୍ତା ଜାନୁଆରୀ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଭବାନୀପାଟଣା ଓ ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଧର୍ମଗଡ଼ ଠାରେ ଅନୁଷ୍ଠିତ ହେବ । ଏଥିପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ, ଉତ୍ସବ ପାଳନ ସବକମିଟିର ଆବଶ୍ୟକ ପୂର୍ବ ପ୍ରସ୍ତୁତି ଜାରୀ ରହିଛି । ଏହି ଅବସରରେ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ (ସା) ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ପ୍ରସାର ପ୍ରଚାର କମିଟିର ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଗାମୀ କଳାହାଣ୍ଡି ଉତ୍ସବ ୨୦୨୫କୁ ଅଧିକ ଆକର୍ଷଣୀୟ ଓ ସରସ ସୁନ୍ଦର ଭାବରେ ସମସ୍ତଙ୍କ ସହଯୋଗରେ କିପରି ବ୍ୟାପକ ପ୍ରସାର ପ୍ରଚାର ସହିତ ପାଳନ କରାଯିବ ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ଲୋକ ମହୋତ୍ସବ କଳାହାଣ୍ଡି ଉତ୍ସବ ଆୟୋଜନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପ୍ରସାର ପ୍ରଚାର ନିମନ୍ତେ ବ୍ଲକସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଆବଶ୍ୟକ ପୋଷ୍ଟର, ବେନର, କଟ ଆଉଟ, ଗେଟ ଲଗାଯାଇ କିପରି ଜନସାଧାରଣଙ୍କୁ ଉତ୍ସବ ସମ୍ପର୍କିତ ବାର୍ତ୍ତା, ସୂଚନା ଦିଆଯାଇପାରିବ ଓ ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବେସରକାରୀ ଅନୁଷ୍ଠାନଙ୍କ କିପରି ପୂର୍ଣ୍ଣ ସହଯୋଗ ରହିବ ସେ ବିଷୟରେ ଆଲୋଚନା କରାଯାଇଥିଲା ।

## ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ନୂଆପଡ଼ା/କୋମନା, ୧୭।୧୨(ସମିସ): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲିଆବନ୍ଧାରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ପ୍ରଧାନଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ସମ୍ମାନିତ ଅତିଥି ଭାବରେ ଗ୍ରାମର ବରିଷ୍ଠ ନାଗରିକ ହୀରାଲାଲ ପଟେଲ, ଲୋହିତ ଶବର, ବିଶେଶ୍ୱର ବେମାଲ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ବରିହା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଖେଦୁରାମ କେଉଟ, ଥାନସିଂହ ଠାକୁର ଓ ସୁଶୀଳା ମାଝୀ ପ୍ରମୁଖ ଯୋଗଦେଇଥିଲେ । ନିକଟରେ ସରକାରୀ ଉଚ୍ଚ ବିଦ୍ୟାଳୟ ଭାନପୁରର ଜାତୀୟସ୍ତର କବାଡିରେ ଭାଗ ନେଇଥିବା ଡରେଲାଲ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜନମଙ୍ଗଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁଲିଆବନ୍ଧାର ଖେଳ ଶିକ୍ଷକ ଅର୍ଜୁନ ମାଝୀ, ଅରବିନ୍ଦ ଶିକ୍ଷା କେନ୍ଦ୍ରର କ୍ରୀଡ଼ାପ୍ରେମୀ ଶିକ୍ଷକ ଦେଓ ସିଂହ ପଟେଲ ଖେଳ ପରିଚାଳନା କରିଥିଲେ । ପ୍ରତିଯୋଗିତାର ସଫଳ ଆୟୋଜନରେ ଶିକ୍ଷକ କିଶୋର କୁମାର ପରିଡ଼ା, ଗୁଣସାଗର ଭୋଇ, ରବିଶଙ୍କର ଭୋଇ, ନାନ୍ତା ମାଝୀ, ଲୀଳାବାଇ ଶବର ସ୍କାଉଟ୍ ଆଣ୍ଡ ଗାଇଡ, କପ ଆଣ୍ଡ ବୁଲବୁଲ, ବ୍ୟାଣ୍ଡ ଦଳ ଏବଂ ବିଦ୍ୟାଳୟର ସ୍ୱେଚ୍ଛାସେବୀ ଦଳ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଗୁଣସାଗର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି କୋମନା ବ୍ଲକ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ କୋନାବିରା ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋନାବିରାର ମିଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀତା ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପାଣ୍ଡେ, ପୂର୍ବତନ ସରପଞ୍ଚ ଇଶ୍ୱର ଚନ୍ଦ୍ର ନାଏକ, ସମାଜସେବୀ ପୀରିତ ରାମ ରାଉତ, ଜଗନ୍ନାଥ ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଅରୁଣ ବାଗ, ସମାଜସେବୀ ଗୋକୁଳ ନାଏକ, ସିଆରସିସି ଲିଙ୍ଗରାଜ ଜଗତ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିଶ ଚନ୍ଦ୍ର ନାଏକ ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ମାମି ଗୀତାଞ୍ଜଳି ଦାସ ସଭାପତିତ୍ୱ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଅଜୟ କୁମାର ମଲ୍ଲିକ ପରିଚାଳନା କରିଥିଲେ । ଉତ୍ସବରେ କ୍ରୀଡ଼ା ଶିକ୍ଷକ ଛବି ମୋହନ ଅଗସ୍ତି, ଶିକ୍ଷକ ଦୁଷ୍ମନ୍ତ ମେହେର, ଦିବ୍ୟା କୁଳଦୀପ, ପ୍ରଶାନ୍ତ ମେହେର ପ୍ରମୁଖ ସାହାଯ୍ୟ କରିଥିଲେ । ସେହିଭଳି ବୁଢ଼ୀପାଲି କ୍ଲଷ୍ଟର ଅଧୀନ ଜେଙ୍ଗୋରା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଅର୍ଚ୍ଚନା ଜୈନ, ପୂର୍ବତନ ପ୍ରଧାନଶିକ୍ଷକ ଯୌବନ ସଲମା ଏବଂ ସମ୍ମାନିତ ଅତିଥି ଭାବେ ବୁଢ଼ିପାଲି ସିଆରସିସି ଦେଓଲାଲ ବାଗ ଉପସ୍ଥିତ ଥିଲେ । କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମେଡାଲ ସହ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା ।









## ପ୍ରକୃତିପ୍ରେମୀଙ୍କ ମନମୋହୁଛି କପାଟଦରହ, ଉପକାଗଙ୍ଗା



କୋମନା, ୧୭।୧୨(ସମିସ): ନୂଆପଡ଼ା ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳିରେ ଜମିଲାଣି ପର୍ଯ୍ୟଟଙ୍କ ଭିଡ଼। ୨୦୨୪ ବର୍ଷ ସରିବାକୁ ଥିବାବେଳେ ପର୍ଯ୍ୟଟକଙ୍କ ଭିଡ଼ସହ ଜମୁଛି ଭୋଜିଭାତର ଆସର। ବୋଡେନ ବ୍ଲକର ସିମାନ୍ତ ଗାଁ ଝରଣାମାଳ। ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହି ଗାଁର ବିଶେଷ ମାନ୍ୟତା ରହିଛି। ଗାଁକୁ ଲାଗି ରହିଛି ଉପକାଗଙ୍ଗା ଓ କପାଟଦରହ ଭଳି ପ୍ରାକୃତିକ ମନୋରମ ଦୃଶ୍ୟ। ପାଖକୁ ଲାଗିକି ରହିଛି ଶିବ ମନ୍ଦିର ଓ ଜଗନ୍ନାଥ ମନ୍ଦିର। ବୈଶାଖ ପୂର୍ଣ୍ଣିମା ଓ ଶିବରାତ୍ରିରେ ଏଠାରେ ଧୁମଧାମରେ ପୂଜାର୍ଚ୍ଚନା କରାଯାଏ ବୋଲି ଗ୍ରାମବାସୀ କହିଛନ୍ତି। ଗାଁକୁ ଲାଗି ରହିଛି ଅନ୍ୟ ଏକ ପ୍ରାକୃତିକ ପରିବେଶ କପାଟଦରହ। ସୁଉଚ୍ଚ ଶସ୍ୟ ଶ୍ୟାମଳା ପାହାଡ଼। ପାହାଡ଼ର ପାଦଦେଶରେ ବହିଯାଉଛି ଘୋଡ଼ାଘାଟ ନଦୀର ସବୁଜ ପାଣି। ବର୍ଷସାରା ଏଠାରେ ପାଣି ବହୁଥିବାରୁ ଏଠାରେ ଥିବା ପଥରଗୁଡିକ ଗୋଲଗୋଲ ହେବା ସହ ଚିକ୍କଣ ଦେଖାଯାନ୍ତି। ରଙ୍ଗବେରଙ୍ଗର ପ୍ରଜାପତି, ଶାନ୍ତ ମନୋରମ ପରିବେଶ ପ୍ରକୃତିପ୍ରେମୀଙ୍କୁ ଆନମନା କରିପକାଏ। ଏଠାକୁ ଥରେ ଆସିଲେ ବାରମ୍ବାର ଆସିବାକୁ ଇଚ୍ଛା ହୁଏ ବୋଲି ପର୍ଯ୍ୟଟକମାନେ କହନ୍ତି। ଘଞ୍ଚ ଜଙ୍ଗଲ ଭିତରେ ଏହି ସ୍ଥାନ ଥିବାରୁ ସନ୍ଧ୍ୟା ପୂର୍ବରୁ ସମସ୍ତେ ଫେରିଆସନ୍ତି। ଚଳିତ ବର୍ଷ ସରି ସରି ଆସୁଥିବା ବେଳେ ଏଠାରେ ଲୋକଙ୍କ ଗହଳି ବି ବଢ଼ିବାରେ ଲାଗିଛି। ଏଠାରେ ବିଦ୍ୟୁତ୍ ଆଲୋକ, ପିଇବା ପାଣି ଓ ପରମଳ ଆଦି ବ୍ୟବସ୍ଥା ନଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିଭଳି ଜଗନ୍ନାଥ ମନ୍ଦିର ପାଖରେ ଥିବା ସୋଲାର ଲାଇଟ ଖରାପ ହୋଇଯାଇଥିବାରୁ ମନ୍ଦିର ପରିସର ଅନ୍ଧାରରେ ରହୁଛି। ଉପରୋକ୍ତ ସମସ୍ୟାଗୁଡ଼ିକ ଯଥାଶିଘ୍ର ସମାଧାନ କରିବାକୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ପାଖରେ ଦାବି କରିଛନ୍ତି।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

ତରଭା, ୧୭।୧୨(ସମିସ): ତରଭା ପାଠାଗାରରେ ଅର୍ଥ ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶନା କ୍ରମେ ସ୍ୱଳ୍ପ ସଞ୍ଚୟ ସଂଗଠନ ଦ୍ୱାରା ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତରଭା ଏନଏସି ନଗରପାଳିକା ବନିତା ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅତିରିକ୍ତ ତହସିଲଦାର ଦୀପ୍ତି ଭୁଏ ଓ ସମ୍ମାନିତ ଅତିଥି ଭାବେ ଆଇପିପିବି ମ୍ୟାନେଜର ସତ୍ୟବ୍ରତ ପ୍ରଧାନ, ଡିଏସଏସଓ ମଙ୍ଗଳ ପଧାନ, ତଥା ଏସପିଏମ ବାସୁଦେବ ମିଶ୍ର ଯୋଗଦେଇଥିଲେ। ସ୍ୱଳ୍ପ ସଞ୍ଚୟ ମାଧ୍ୟମରେ ଆର୍ଥିକ ସୁରକ୍ଷା, ଆର୍ଥିକ ନିରାପତ୍ତା, ଭବିଷ୍ୟତ ପାଣ୍ଠି ନିର୍ମାଣ ଆଦି ବିଷୟରେ ଅନେକ ବିବରଣୀ ରଖିଥିଲେ। ସାଇବର ତଥା ବିଭିନ୍ନ ଆର୍ଥିକ ଠକାମୀ ସମ୍ପର୍କରେ ଅନେକ ତଥ୍ୟ ଦେଇ ନାଗରିକମାନଙ୍କୁ ସଚେତ କରାଇଥିଲେ। କାର୍ଯ୍ୟକ୍ରମକୁ ହିରଣ୍ୟ ପଟ୍ଟନାୟକ ପରିଚାଳନାକରିଥିବା ବେଳେ ସନ୍ତୋଷିନୀ ମେହେର, ରିତା ମାହାଣା, ପ୍ରିୟଙ୍କା ସାହୁ, ମାନିନୀ ପଧାନ, ମିନାକ୍ଷୀ ସାହୁ ଆଦି ଯୋଗ୍ୟା ପ୍ରାଧୀକୃତ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ଜଗଦୀଶ ସାହୁ ଓ ଚମ୍ପେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ସନ୍ତୋଷିନୀ ମେହେର ଧନ୍ୟବାଦ ଦେଇଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ତରଭା, ୧୭।୧୨(ସମିସ): ତରଭା ରଥପଡ଼ା ନିବାସୀ ସ୍ୱର୍ଗତ ଦେବକୀ ନନ୍ଦନ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ବ୍ରଜେଶ୍ୱରୀ ପାଣିଗ୍ରାହୀ(୯୦)ଙ୍କ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା ତଥା ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ତୁଷାର କାନ୍ତି ପାଣିଗ୍ରାହୀଙ୍କ ସମେତ ନାତିନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସଙ୍କୁଳସ୍ତରୀୟ କ୍ରୀଡ଼ା

ବୌଦ୍ଧ, ୧୭।୧୨(ସମିସ): ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବୌଦ୍ଧରେ ଶଙ୍କୁଳସ୍ତରୀୟ ଜୁନିଅର କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। କ୍ରୀଡା ଉତ୍ସବରେ ଚାରୋଟି ବିଦ୍ୟାଳୟ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବୌଦ୍ଧ, କେନ୍ଦ୍ରୀୟ ବିଦ୍ୟାଳୟ ଦେବଗଡ଼, ଅନଗୁଳ କେନ୍ଦ୍ରୀୟ ବିଦ୍ୟାଳୟ ଏମସିଏଲ ଜଗନ୍ନାଥ ଏବଂ ଅନଗୁଳ କେନ୍ଦ୍ରୀୟ ବିଦ୍ୟାଳୟ ଏମସିଏଲ ସୁଭଦ୍ରାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେର ଓ ସମ୍ମାନୀତ ଅତିଥି ଭାବେ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ ଯୋଗ ଦେଇଥିବା ବେଳେ ଶିକ୍ଷକ ମନୋଜ ପସାୟତଙ୍କ ତତ୍ତ୍ୱାବଧାନରେ କ୍ରୀଡା ଆରମ୍ଭ ହୋଇଥିଲା। କ୍ରୀଡା ଶିକ୍ଷକ ସୁଜିତ ଦଲାଇ ସହିତ ସମସ୍ତ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବୌଦ୍ଧର ଛାତ୍ରଛାତ୍ରୀ ମାନେ କେନ୍ଦ୍ରୀୟ ବିଦ୍ୟାଳୟ ଦେବଗଡ଼କୁ ହରାଇ ଚାମ୍ପିଅନ ହୋଇଥିଲେ। କ୍ରୀଡାରେ ବିଜେତା ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଶ୍ରୀ ମେହେର ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ ଶିକ୍ଷକ ଜତିନ ମେହେର ଧନ୍ୟବାଦ ଦେଇଥିଲେ।

## ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ



କିଆକଟା, ୧୭।୧୨(ସମିସ): କିଆକଟା ପଞ୍ଚାୟତ ନାଏକପଡ଼ା ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ସଂକ୍ରଜିତ କର୍ଣ୍ଣ ଙ୍କ ପରଲୋକ ଘଟିଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ହୋଇଥିଲା। ସୋମବାର ବୌଦ୍ଧ ଜିଲ୍ଲା କଣ୍ଠା ଗ୍ରାମକୁ ନିର୍ଦ୍ଦେଶନା ଦେବା ପାଇଁ ଯାଇଥିଲେ। ହଠାତ ରାତିରେ ଛାତି ଯନ୍ତ୍ରଣା ଅନୁଭବ କରିବାରୁ ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତାଙ୍କୁ ନିଆଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ପରଲୋକ ହୋଇଯାଇଛି। ନାଏକପଡ଼ା ନିଜସ୍ୱ ବାସଭବନରେ ମର ଶରୀର ପହଞ୍ଚିବା ପରେ ଖବର ଆଖପାଖ ଅଞ୍ଚଳର ଅନେକ ଲୋକ ଶେଷ ଦର୍ଶନ କରିଥିଲେ। ନାଏକପଡ଼ା ମହାନଦୀ ଶ୍ମଶାନଘାଟରେ ପୁଅ ବିକ୍ରମ କର୍ଣ୍ଣ ମୁଖାଗ୍ନି ଦେଇଥିଲେ।

## ବିପୁଳ ମହୁଲ ପୋଚ ନଷ୍ଟ

ହରଭଙ୍ଗା, ୧୭।୧୨(ସମିସ): ବିପୁଳ ପରିମାଣ ର ବେଆଇନ ମହୁଲ ପୋଚ ନଷ୍ଟ କରିବାରେ ସଫଳ ହୋଇଛି ହରଭଙ୍ଗା ପୁଲିସ। ଖବର ଅନୁଯାଇ ହରଭଙ୍ଗା ଥାନା ତଳଗାଁ ପଞ୍ଚାୟତ ବାରମୁଣ୍ଡା ଗ୍ରାମରେ ବେଆଇନ ଦେଶୀ ମଦ କାରବାର ହେଉଥିବା ହରଭଙ୍ଗା ପୁଲିସ ଖବର ପାଇ ମଙ୍ଗଳବାର ଦିନ ଟିମ୍ ସହିତ ଚଢ଼ଉ କରିଥିଲା। ପୁଲିସ ଆସିବା ଖବର ପାଇ ବେଆଇନ ମଦ କାରବାରରେ ସମ୍ପୃକ୍ତ ବ୍ୟକ୍ତି ଛାଡି ପଳାଇଥିବା ବେଳେ ପୁଲିସ ମଦ ରାନ୍ଧିବା ସାମଗ୍ରୀ ସବୁ ଭାଙ୍ଗି ହଣ୍ଡା, ଡ୍ରମ ଆଦି ଜବଦ କରିଥିଲା। ଅନ୍ୟପଟେ ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରିଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ମନମୁଣ୍ଡା, ୧୭।୧୨(ସମିସ): ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ ଟା ସମୟରେ ମନମୁଣ୍ଡା ତେଲ ନଦୀ ସେତୁରେ ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ଥିବା ଜାଣିବାକୁ ମିଳିଛି। ବାଇକ୍ ଚାଳକ ସୋନପୁର ଦିଗରୁ ମନମୁଣ୍ଡା ଆସିବା ବେଳେ ଅଜଣା ଟ୍ରକ୍ ଧକ୍କା କରି ଚାଲିଯାଇଥିଲା। ପଥଚାରୀଙ୍କ ଠାରୁ ଖବର ପାଇ ଦମକଳ ବାହିନୀ ଆହତକୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବାଇକ୍ ଚାଳକର ଠିକଣା ମିଳି ପାରିନାହିଁ।

### ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ

# 'ବିବିଧତା ମଧ୍ୟରେ ଏକତାକୁ ବାନ୍ଧି ରଖିବା ମୂଳଲକ୍ଷ୍ୟ'

ସୋନପୁର, ୧୭।୧୨(ସମିସ):



ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟାରୁପା ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିବିଧତା ସହ ଏକତାକୁ ବାନ୍ଧି ରଖିବା ଯୁବ ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ନେହେରୁ ଯୁବକେନ୍ଦ୍ର ସୁବର୍ଣ୍ଣପୁର ପ୍ରତିନିଧି କୃପା ସିନ୍ଧୁ ସା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୬ଟି ବ୍ଲକର ୭୫ଜଣ ପ୍ରତିଯୋଗୀ ଯୋଗଦେଇ ଦଳଗତ ଲୋକନୃତ୍ୟ, ଲୋକ ସଙ୍ଗୀତ, ଏକକ ଲୋକନୃତ୍ୟ, ପଦ୍ୟ, ଗଳ୍ପଲିଖନ, ଚିତ୍ରକଳା ଏବଂ ଔପଚାରିକ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ୧୫ ବର୍ଷରୁ ଅଧିକ ୨୯ ବର୍ଷରୁ କମ୍ ଯୁବ ପ୍ରତିଯୋଗୀ ଭାଗ ନେଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଳଗତ ଲୋକନୃତ୍ୟ ପ୍ରତିଯୋଗିତାରେ ସରକାରୀ ପଲିଟେକନିକ ସୁବର୍ଣ୍ଣପୁର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏକକ ଲୋକନୃତ୍ୟରେ ନିରୁପମା ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦଳଗତ ଲୋକ ସଙ୍ଗୀତରେ ସରକାରୀ ପଲିଟେକନିକ ସୁବର୍ଣ୍ଣପୁର ୧ମ, ରୁମକୁଝୁମାନା ୨ୟ ସ୍ଥାନ ଅଧିକାର କରିଥିଲେ। ଲୋକ ସଙ୍ଗୀତ ଏକକ ପ୍ରତିଯୋଗିତାରେ ଶ୍ରୀୟା ଦାସ ୧ମ, ଶ୍ରୀୟା ସା ୨ୟ ଓ ଯୁକ୍ତାମୟୀ ଭୁଏ ୩ୟ ସ୍ଥାନ ଅଧିକାର କରିଥିଲେ। କବିତା ରଚନାରେ ଉତ୍କଳିକା ମିଶ୍ର ୧ମ, ରତ୍ନରାଜ ପଧାନ ୨ୟ ସ୍ଥାନ ଅଧିକାର କରିଥିଲେ। ଗଳ୍ପ ଲିଖନ ହିନ୍ଦୀ ପ୍ରତିଯୋଗିତାରେ ମିତ୍ରଭାନୁ ପଧାନ ପ୍ରଥମ, କିଶୋର ଚନ୍ଦ୍ର ନାଏକ ଦ୍ୱିତୀୟ, ରିଶଭ ଗୁପ୍ତା ତୃତୀୟ ଏବଂ ଗଳ୍ପ ଲିଖନ ଇଂରାଜୀ ପ୍ରତିଯୋଗିତାରେ ପ୍ରଭାଶିଷ ପଧାନ ପ୍ରଥମ, ବିଦ୍ୟାଜ୍ୟୋତି କର୍ଣ୍ଣ ଦ୍ୱିତୀୟ, ଚିତ୍ରକଳାରେ ଶୁଭମ ସାହୁ ପ୍ରଥମ, ଉଗ୍ରେସନ ରଣା ଦ୍ୱିତୀୟ ଓ ମୌସମ କୁମାର ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡିକ୍ଲାମେସନ ଇଂରାଜୀରେ ସଂକେତିକ ପଣ୍ଡା ପ୍ରଥମ ଓ ସୃଷ୍ଟି ମିଶ୍ର ଦ୍ୱିତୀୟ ସେହିପରି ହିନ୍ଦୀ ଡିକ୍ଲାମେସନ ପ୍ରତିଯୋଗିତାରେ ସତ୍ୟ ନାରାୟଣ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜିଲ୍ଲାସ୍ତରୀୟ ବିଜେତାମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବେ ବୋଲି ଜଣାପଡ଼ିଛି। ବିଭିନ୍ନ ପ୍ରତିଯୋଗିତାରେ ଅମ୍ବୁଜ ବିହାରୀ ଶତପଥି, ଶାଶ୍ୱତ କୁମାର ତ୍ରିପାଠୀ, ପୂର୍ଣଚନ୍ଦ୍ର ପାଢ଼ୀ, ପ୍ରଦ୍ୟୁମ୍ନ ସାହୁ, କୃଷ୍ଣଚନ୍ଦ୍ର ସେନ୍ଦେରିଆ, ବାସୁଦେବ ନାଏକ, ଚୌଧୁରୀ ବିଭାର, କୃଷ୍ଣଚନ୍ଦ୍ର ପଣ୍ଡା, ହେମନ୍ତ ଦାସ, ଲକ୍ଷ୍ମୀ ନାରାୟଣ ସାହୁ, ଚନ୍ଦ୍ରଶେଖର ମହାପାତ୍ର, ପ୍ରଜ୍ଞା ପରମିତା ମିଶ୍ର, ପୁରୁଷୋତ୍ତମ ସାହୁ, ଜିତେନ୍ଦ୍ର ପରଡିଆ, ଦୁର୍ଯ୍ୟୋଧନ ମେହେର, ଶ୍ୟାମସୁନ୍ଦର ମେହେର ଓ ସୁରେନ୍ଦ୍ର ମେହେର ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ଗ୍ରେନ୍ ଆନାଲାଇଜର ମେସିନରେ ଧାନକିଣା ବନ୍ଦ ପାଇଁ ଚାଷୀଙ୍କ ବୈଠକ

● ସମାଧାନ ନହେଲେ ଆନ୍ଦୋଳନ ପାଇଁ ଚେତାବନୀ

ବିନିକା, ୧୭।୧୨(ସମିସ): ବିନିକା ଆରଏମସିରେ ଗ୍ରେନ ଆନାଲାଇଜର ମେସିନ ଦ୍ୱାରା ଧାନକିଣା ବନ୍ଦ ବିରୋଧରେ ଚାଷୀମାନେ ଏକତ୍ରିତ ହୋଇ ବୈଠକ କରିଛନ୍ତି। ଗଣେଶ ଆଞ୍ଚଳିକ କୃଷକ ସଂଗଠନର ସଭାପତି ଅଜିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିନିକା ଏନଏସି ଓ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ବୈଠକରେ ଯୋଗଦେଇଥିଲେ। ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏହି ମେସିନରେ ଧାନର ମାନ ନିର୍ଦ୍ଧାରଣ ପରେ ପ୍ରାୟ ସମସ୍ତ ଧାନ ଏଫଏକ୍ୟୁର ମାନ୍ୟତା ମିଳୁନି। ଚାଷୀମାନେ ଟୋକନ ପାଇଥିବା ସତ୍ତ୍ୱେ ମଣ୍ଡିକୁ ଧାନ ଆଣିବାକୁ ଭୟ କରୁଛନ୍ତି। ଅଦ୍ୟାବଧି ବିନିକା ବ୍ଲକର ସମସ୍ତ ମଣ୍ଡିରେ ଧାନ କିଣା ନେଇ ଅଚଳାବସ୍ଥା ଜାରି ରହିଛି। ଚାଷୀ ମାନସିକ ଚାପରେ ଥିବା ସହିତ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ବସିଲେଣି ବୋଲି ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଉପସ୍ଥିତ ଥିବାରୁ ଗଣେଶ କୃଷକ ସଂଗଠନର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ତୁରନ୍ତ ଆନାଲାଇଜର ମେସିନ ପରୀକ୍ଷା କରିବାକୁ ବିନିକା ତହସିଲଦାର ସୀତାରାମ ଭୋଇଙ୍କୁ ମଣ୍ଡିକୁ ପଠାଇଥିଲେ। ତହସିଲଦାର ଏବଂ ଚାଷୀମାନଙ୍କ ଉପସ୍ଥିତିରେ ମେସିନରେ ୨ ପ୍ରକାର ଧାନର ମାନ ଯାଞ୍ଚ କରାଯାଇଥିଲା। ହେଲେ ମେସିନରେ ଉଭୟ ଦୁଇ ପ୍ରକାରର ଧାନ ପ୍ରତ୍ୟାଖ୍ୟାନ ବାହାରିଲା। ପରେ ଉକ୍ତ ରିପୋର୍ଟକୁ ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ମେସିନ ଧାନ ଚିହ୍ନିବାରେ ଅସମର୍ଥ ହେଉଛି ତେଣୁ ପୁରୁଣା ଗ୍ରେଡେସନ ମେସିନରେ ପରୀକ୍ଷା ହୋଇ ଧାନ କିଣାଯାଉ ବୋଲି ଚାଷୀମାନେ ଜିଲ୍ଲାପାଳଙ୍କୁ ଦାବି କରିଥିଲେ। ଜିଲ୍ଲାପାଳ ଦିନେ ଦୁଇ ଦିନ ଭିତରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ବୁଧବାର ଦିନ ଏହାର କୌଣସି ସମାଧାନ ନହେବ ତେବେ ଚାଷୀମାନେ ବାଧ୍ୟ ହୋଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## କଣ୍ଟାବାଞ୍ଜି ବିଜେଡିର ସମୀକ୍ଷା ବୈଠକ



କଣ୍ଟାବାଞ୍ଜି, ୧୭।୧୨(ସମିସ): କଣ୍ଟାବାଞ୍ଜି ବିଜେଡିକୁ ଆହୁରି ସୁଦୃଢ଼ କରିବାକୁ ପ୍ରୟାସ ଜାରି ରହିଛି। ଏହାରି ଭିତରେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମମାନ ଅନେକ ସ୍ଥାନରେ ଚାଲିଥିବାବେଳେ ମଙ୍ଗଳବାର କଣ୍ଟାବାଞ୍ଜି ଯୁବ ବିଜେଡି ପକ୍ଷରୁ ଯୁବ ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ଓ ନିରୂପମା ମାଝୀଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ହୋଇଥିଲା। ରାଜ୍ୟ ପର୍ଯ୍ୟବେକ୍ଷକ ଅମ୍ବିକା ମହାନ୍ତି, ଜିଲ୍ଲା ସଭାପତି ରାଜେନ୍ଦ୍ର ହୋତା, ଆଇଟି ସଂଯୋଜକ ବିଭୁତିଭୂଷଣ ମିଶ୍ର ଯୋଗଦେଇ ଯୁବକମାନଙ୍କୁ ବିଜୁ ଜନତା ଦଳରେ ସାମିଲ କରିବାକୁ ଆହ୍ୱାନ କରାଯାଇଥିଲା। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଚାଲିବା ବୋଲି ଆଲୋଚନା ହୋଇଛି। ଏହି ବୈଠକରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ ଯୋଶୀ ମଧ୍ୟ ନିଜ ମତ ରଖି ଆଗାମୀ ଦିନରେ ଦଳକୁ କେମିତି ମଜଭୁତ କରିବା ସେନେଇ ଯୁବ ଗୋଷ୍ଠୀକୁ କହିଥିଲେ। ତୁରେକେଲା ବ୍ଲକ ସଭାପତି ଆଶାଦୁଲ୍ଲା ଖାନ, ଟାଉନ ସଭାପତି ଦେବାର ବାରିକ, ୟୁଥ୍ ସଭାପତି ବିଷ୍ଣୁ ଜୁଏଡ, ଉପସଭାପତି ବିଶ୍ୱନାଥ ସାହୁ, ବଲାଙ୍ଗିର ଜିଲ୍ଲା ଯୁବ ସମ୍ପାଦକ ଶାନ୍ତନୁ ବିଭାର, କିଶୋର ମଝଖଣ୍ଡି, ଜିଲ୍ଲା ସାଧାରଣ ସମ୍ପାଦକ ପିଙ୍କି ଖର୍ସେଲ, ଆଦିବାସୀ ନେତା ଦୈତାରୀ ଭୋଇ, ତପନ ବଏ, ଯୋଗେଶ ପନିକା, କାର୍ତ୍ତିକ ତାଣ୍ଡି, ମନ୍ଟୁ ମହାନନ୍ଦ, ଚମ୍ପେଶ୍ୱର ବାଗ, ଅମିତ ସାହୁ, ଅଭିଳାଷ ବାଘର ପ୍ରମୁଖ ସାମିଲ ଥିଲେ।

## ଶିଶୁ ଚୋରି ସନ୍ଦେହରେ ଯୁବକଙ୍କୁ ଆକ୍ରମଣ

ବଲାଙ୍ଗିର, ୧୭।୧୨(ସମିସ): ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନିକଟରେ ଜଣେ ଯୁବକ ଅକାରଣେ ସ୍ଥାନୀୟ ଲୋକଙ୍କ ଠାରୁ ମାଡ଼ ଖାଇଛନ୍ତି। ପିଲା ଚୋରି କରୁଥିବା ସନ୍ଦେହରେ ବଲାଙ୍ଗିର ସହର ଇଚ୍ଛାପଡ଼ାର ଯୁବକରାଜ ନନ୍ଦଙ୍କୁ ବିବିଏମସିଏଚ୍ ନିକଟରେ ମାଡ଼ ମରାଯାଇଥିବା ଜଣାପଡ଼ିଛି। ପ୍ରକାଶ ରାଜ କୌଣସି କାମରେ ମେଡିକାଲ ପଟକୁ ଯାଉଥିବାବେଳେ ସେଠାରେ କିଛି ଶିଶୁ ଏଣେତେଣେ ବୁଲୁଥିବା ଦେଖିଥିଲେ। ଅସହାୟ ଛୁଆ ଭାବି ସେ ଶିଶୁ ମାନଙ୍କ ମେଡିକାଲରେ ଥିବା ଫାଣ୍ଡିକୁ ନେଇ ଯାଉଥିଲେ। ଏହି ସମୟରେ ଶିଶୁଙ୍କ ପରିବାର ଲୋକେ ତାଙ୍କୁ ଛୁଆ ଚୋରି କରୁଥିବା ସନ୍ଦେହ କରି ତାଙ୍କୁ ଧରି ମାଡ଼ ମାରିଥିଲେ। ମେଡିକାଲ ଫାଣ୍ଡିରେ କଥା ପହଞ୍ଚିବା ପରେ ଅସଲ କଥା ଜଣାପଡ଼ିଥିଲା। ସତ କଥା ଜାଣିବା ପରେ ଶିଶୁଙ୍କ ପରିବାର ଲୋକେ ମଧ୍ୟ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିଲେ।

## ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲ୍ଲା ଶିବିର ଉଦ୍‌ଘାଟିତ

ବୀରମହାରାଜପୁର, ୧୭।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍କାଉଟ୍ ଗାଇଡ୍‌ର ୧୨ତମ ଜିଲ୍ଲାସ୍ତରୀୟ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାର ୧୦୦ଟି ବିଦ୍ୟାଳୟର ୮୬ଜଣ ସ୍କାଉଟ୍ ମାଷ୍ଟର, ୨୧ ଜଣ ଗାଇଡ୍ କ୍ୟାପ୍ଟେନ୍ ଓ ୪୧୦ ଜଣ ସ୍କାଉଟ୍ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ତିନି ଦିନ ଧରି ହେବାକୁ ଥିବା ଏହି ଶିବିରର ଆଜି ହେଉଛି ପ୍ରଥମ ଦିବସ। ଉଦ୍‌ଘାଟନୀ ପର୍ବର ସଭାରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସଭାପତିତ୍ୱ କରିଥିଲାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଲେ ଯେ ଶୃଙ୍ଖଳିତ ଓ ଶାନ୍ତିର ପଥରେ ଅଗ୍ରସର ହୋଇ ଉତ୍ତମ ଦିଗ୍ ଦର୍ଶନ ପ୍ରାପ୍ତ କରିବା ହିଁ ସ୍କାଉଟ୍ ଓ ଗାଇଡ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସମ୍ପାଦକ ସ୍କାଉଟ୍ ଓ ଗାଇଡ୍ ସତ୍ୟନାରାୟଣ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳାଚଳ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସ୍କାଉଟ୍ ମାଷ୍ଟର ସଞ୍ଜୀବ କୁମାର ସାହୁ ସଭା ସଂଯୋଜନା କରିଥିବା ବେଳେ ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କୁଞ୍ଜାପାଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସୁବଳୟା, ୧୭।୧୨(ସମିସ): ସୁବର୍ଣ୍ଣପୁର ପୁର ଜିଲ୍ଲା ବିରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ଅଧୀନ କୁଞ୍ଜାପାଲି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୦୦ମିଟର, ୪୦୦ ମିଟର ଓ ୫୦୦ମିଟର ଦୌଡ଼, ମ୍ୟୁଜିକ ଚେୟାର ଏବଂ ବାଟିଚାମଚ ପ୍ରମୁଖ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜୁନିୟର ବିଭାଗରେ ଭାଗନେଇ ଛାତ୍ରଛାତ୍ରୀ ରତନ ମୁଣ୍ଡା ଓ ରବିନା ମୁଣ୍ଡା ଚାମ୍ପିଅନ ହୋଇଥିଲେ। ବରିଷ୍ଠ ବିଭାଗରେ ଛାତ୍ରଛାତ୍ରୀ ମନାଏ ପୂର୍ତ୍ତି ଓ ସୁନେଲି ପଟନିଆଁ ଚାମ୍ପିଅନ ହୋଇଥିଲେ। ପ୍ରତିଯୋଗିତା ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭାଂଶୁ ଶେଖର ପଣ୍ଡା ସଭାପତିତ୍ୱ କରିଥିଲେ। ଶିକ୍ଷକ ନବ କୁମାର ପୋଥାଳ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟଅତିଥି ଭାବରେ ଦୁର୍ଜନତୈଲା ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ମାନସ ରଞ୍ଜନ କଳେତ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଡ଼ଜାତ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା




ହରଭଙ୍ଗା, ୧୭।୧୨(ସମିସ): ଗଡ଼ଜାତ ସାଂସ୍କୃତିକ କଳାପରିଷଦ ଦ୍ୱାରା ଆୟୋଜିତ ସାଧୁ ଚରଣ ଉଚ୍ଚ ବିଦ୍ୟାଳୟ ରେ ଅଷ୍ଟମ ଗଡ଼ଜାତ ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ବୌଦ୍ଧ ଅଧିଷ୍ଠାତ୍ରୀ ମା'ଭୈରବୀଙ୍କ ପାଖରେ ସନ୍ଧ୍ୟା ଆଳତି ପରେ ନିମନ୍ତ୍ରିତ ଅତିଥିଙ୍କୁ ସଙ୍ଗୀତ କାର ଓ ନିର୍ଦ୍ଦେଶକ ବ୍ରହ୍ମା କୁମ୍ଭାର ଓ ସାଥି ସ୍ୱାଗତ ସଙ୍ଗୀତ ଗାନ କରି ମଞ୍ଚକୁ ଆମନ୍ତ୍ରିତ କରାଯାଇଥିଲା। ପରେ ନିମନ୍ତ୍ରିତ ଅତିଥିଙ୍କୁ ବିଜୟ କୁମାର ପ୍ରଧାନଙ୍କ ଦ୍ୱାରା ପରିଚୟ ପ୍ରଦାନ ଓ ପୁଷ୍ପଗୁଚ୍ଛ ଏବଂ ବ୍ୟାଚ ପ୍ରଦାନ ଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତୃତୀୟ ସନ୍ଧ୍ୟାରେ ସଭାପତି କମିଟିର ସମ୍ପାଦକ ଦେବାଶିଷ ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଓକିଲ ସଂଘ ସଭାପତି ଧୂରୀଣ କୁମାର ଦେହୁରୀ, ସମ୍ମାନିତ ଅତିଥି ଭାବେ ଖଡ଼ଙ୍ଗ ମହୋତ୍ସବ ବୌଦ୍ଧର ସଭାପତି ମନୋଜ କୁମାର ଦାସ, ପ୍ରାଣୀଚିକିତ୍ସକ ଡ଼. ପ୍ରିୟବ୍ରତ ବେହେରା ମଞ୍ଚାସୀନ ହୋଇଥିଲେ। ମଞ୍ଚ କାର୍ଯ୍ୟକ୍ରମରେ ଶେଷରେ ସମାଜସେବୀ ବାଲ୍ମୀକି ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଚଳର ସ୍କୁଲ କଲେଜ ର ଛାତ୍ରଛାତ୍ରୀ, ଆଞ୍ଚଳିକ କଳା ସଂକୃତି, ଲୋକ ନୃତ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ଗୀତ ଓ ନୃତ୍ୟ ଦର୍ଶକ ମନଭରି ଉପଭୋଗ କରିଥିଲେ।

### ମନମୁଣ୍ଡାରେ ଧାନ ମଣ୍ଡି ଉଦ୍‌ଘାଟିତ

# ପ୍ରଥମ ଦିନରେ କିଣାହେଲା ୫୫.୮୬ କୁଇଣ୍ଟାଲ ଧାନ

ମନମୁଣ୍ଡା/ଶଗଡ଼ା, ୧୭।୧୨(ସମିସ):



ମଙ୍ଗଳବାର ବୌଦ୍ଧ ଜିଲ୍ଲାରେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି।ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ମନମୁଣ୍ଡା ବଜାର ପ୍ରାଙ୍ଗଣରେ ଜିଲ୍ଲା ମଣ୍ଡିର ଶୁଭାରମ୍ଭ କରାଯାଇଛି। କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ। ଏଆରସିଏସ ତଥା ଡିଆରସିଏସ ହାଡିବନ୍ଧୁ ମହାକୁଡଙ୍କ ସଂଯୋଜନାରେସଭା କରାଯାଇଥିଲା। ମୁଖ୍ୟଅତିଥି ବିଧାୟକ ଶ୍ରୀ ଡାଙ୍ଗଙ୍କ ସହ ସମ୍ମାନିତ ଅତିଥ ôଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଏଡିଏମ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାତ କୁମାର ଦଣ୍ଡସେନା, କଣ୍ଠାମାଳ ବିଡ଼ିଓ ସାମି ଜୟଶ୍ରୀ ରେ‡ୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସିଏସ ଓ ଶ୍ରୀନାଥ ହାଁସଦା, ମନମୁଣ୍ଡା ସେବା ସମବାୟ ସମିତି ସଭାପତି ଗିରିଜା ନନ୍ଦନ ଦାନୀ, ମିଲ ମାଲିକ ସଭାପତି କୈଳାଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ସରକାର ଧାନର ମୂଲ୍ୟ ବୃଦ୍ଧି କରି ଚାଷୀଙ୍କ ପାଇଁ ଲାଭ ଯୋଗାଇ ଦେଇଥିବା ଜିଲ୍ଲାପାଳ କହିବା ସହ ଭଲ ଧାନ ଦେଇ ଉଚିତ୍ ମୂଲ୍ୟ ନେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପ୍ରଥମ କରି ମନମୁଣ୍ଡା ମଣ୍ଡିରେ ଚାଷୀମାନଙ୍କ ପାଇଁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ଚାଷୀ ଅଭିମନ୍ୟୁ କଲତା ଓ ଶ୍ରୀନିବାସ ମହଲାଙ୍କ ଠାରୁ ମନମୁଣ୍ଡା ସେବା ସମବାୟ ସମିତି ୫୫.୮୬ କୁଇଣ୍ଟାଲ ଧାନ କ୍ରୟ କରିଥିବା ସମ୍ପାଦକ ମୃତ୍ୟୁଞ୍ଜୟ ହୋତାଙ୍କ ଠାରୁ ଜାଣିବାକୁ ମିଳିଛି। କାର୍ଯ୍ୟକ୍ରମରେ କଣ୍ଠାମାଳ ଏମଆଇ ପଦ୍ମଲୋଚନ ମାଝି, ଏସସିଏସ ଓ ଦିପ୍ତିରେଖା ପ୍ରଧାନ, ମନମୁଣ୍ଡା ମଣ୍ଡି ମାର୍କେଟିଂ ଇନ୍ ଚାର୍ଜ ସୁକୁମାର ପ୍ରଧାନ, ଆଇଆଇସି ତରୁଣ ତପନ ବେହେରା, ମଣ୍ଡି କର୍ମଚାରୀ ରମେଶ ବାଘ, ରଶ୍ମି ରଞ୍ଜନ କୁଦେଇ, ବିଷ୍ଣୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।ଶେଷରେ ମନମୁଣ୍ଡା ଏସ ସି ଏସ ସଭାପତି ଗିରିଜା ନନ୍ଦନ ଦାନୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସଂକୁଳସ୍ତରୀୟ କ୍ରୀଡ଼ା ସମାରୋହ ଉଦ୍‌ଯାପିତ



**ତରଭା, ୧୭।୧୨(ସମିସ):** ତରଭା ବ୍ଲକ ଅଧୀନ ଚାରଭଟ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୁବର୍ଣ୍ଣପୁର ସଙ୍କୁଳର ୨୩ତମ କ୍ରୀଡ଼ା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା କମିଟି ସମ୍ପାଦକ ରୋହିତ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତଥି ରୂପେ ସରପଞ୍ଚ ସସ୍ମିତା ହରିପାଲ ଓ ସମ୍ମାନିତ ଅତିଥି ରୂପେ ଶିକ୍ଷକ ଗୋପୀନାଥ ରାଉତ ଯୋଗଦେଇ ଉଦଘାଟନ, ଶପଥ ପାଠ ଓ କ୍ରୀଡ଼ାରମ୍ଭ କରିଥିଲେ। ପ୍ରଧାନଆଚାର୍ଯ୍ୟ ଆନନ୍ଦ କୁମାର ସାହୁ ଅତିଥି ପରିଚୟ ଏବଂ ସଂକୁଳ ସଂଯୋଜକ ସୁବାଷ ଚନ୍ଦ୍ର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କ୍ରୀଡ଼ା ଉତ୍ସବରେ ଜିଲ୍ଲାର ୧୧ଟି ଶିଶୁ ବିଦ୍ୟା ମନ୍ଦିରର ୨୨୩ଜଣ ଛାତ୍ରଛାତ୍ରୀ, ୨୦ଜଣ ଆଚାର୍ଯ୍ୟ ଓ ୧୮ ଜଣ କ୍ରୀଡ଼ା ପରିଚାଳକ ଓ ୯ ଜଣ ପ୍ରଧାନ ଆଚାର୍ଯ୍ୟ ଯୋଗଦାନ କରିଥଲେ। ୧୧ ବର୍ଷ, ୧୪ ବର୍ଷ ଓ ୧୭ ବର୍ଷ ବର୍ଗର ଭାଇଭଉଣୀଙ୍କ ମଧ୍ୟରେ ୩୪ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜେତା ଛାତ୍ରଛାତ୍ରୀଙ୍କୁ ପଦକ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ସଂକୁଳ ଶାରିରିକ ପ୍ରମୁଖ ବ୍ୟାସଦେବ ପୁରୋହିତ କ୍ରୀଡ଼ାକୁ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ରମେଶ ରଣା ପୁରସ୍କାର ବିତରଣରେ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ମହାବିଦ୍ୟାଳୟରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ



ସୋନପୁର, ୧୭।୧୨(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଛାତ୍ର ଜନତା ଦଳ ବିଭିନ୍ନ ଜିଲ୍ଲାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେସୋନପୁର ଜିଲ୍ଲା ଛାତ୍ର ବିଜେଡି ପକ୍ଷରୁ ସୋନପୁର ମହାବିଦ୍ୟାଳୟରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ସାଧାରଣ ସମ୍ପାଦକ ରକି ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଅମିୟ ରଞ୍ଜନ ଦାସ, ସୋନପୁର ଜିଲ୍ଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ ମିଶ୍ର, ଛାତ୍ର ନେତା ଅଭିଷେକ ଶର୍ମା ପ୍ରମୁଖ ଅନେକ ଛାତ୍ରନେତା ଉପସ୍ଥିତ ଥିଲେ। ବିଜେଡିରେ ସାମିଲ ହୋଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଛାତ୍ର ନେତାମାନେ ସଂକଳ୍ପ ନେଇଥିଲେ।

## ଷୋହଳ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ

**ଶଗଡ଼ା, ୧୭ ।୧୨(ସମିସ):**ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ତାଳବେଡ଼ା ଗ୍ରାମରେ ମାଁ ଲକ୍ଷ୍ମୀଙ୍କ ମାଣବସା ଗୁରୁବାରର ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଷୋହଳ ପ୍ରହରୀ ନାମଯଜ୍ଞ ପୁନଃଶ୍ଚରଣ ହୋଇଯାଇଛି।ନାମଯଜ୍ଞ ପୂର୍ବରୁ ବ୍ରତାଧାରୀ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶନିବାର ଦିନଠୁ ଷୋହଳ ପ୍ରହର ନାମଯଜ୍ଞ ହୋଇ ଶେଷରେ ସୋମବାର ଦିନ ପୁନଃଶ୍ଚରଣ ହୋଇଯାଇଛି। ପୁରୋହିତ ଯଜ୍ଞ ମିଶ୍ର ପୂଜା ଓ ଯଜ୍ଞ କାର୍ଯ୍ୟ ତୁଲାଇଥିବା ସୁଳେ କର୍ତ୍ତା ଭାବରେ ସାହେବ ନାଗ ଓ ଧର୍ମପତ୍ନୀ ଶ୍ରୀମତୀ ଅମ୍ବିକା ନାଗଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ନାମଯଜ୍ଞ ସମାପନ ହୋଇଥିଲା। ନାମଯଜ୍ଞରେ ୨୫ଟି ମହିଳା ଓ ପୁରୁଷ କୀର୍ତ୍ତନଦଳ ନାମ ନେଇଥିଲେ। ଶେଷରେ ରାଧାକୃଷ୍ଣ ଓ ସୀତାରାମଙ୍କ ପ୍ରତିମୂର୍ତ୍ତୀକୁ ନିକଟସ୍ଥ ନାଳରେ ଭଷାଣୀ କରାଯାଇଥିଲା। ଉକ୍ତ ନାମଯଜ୍ଞ ଓ ଭଷାଣୀ ଶୋଭାଯାତ୍ରାରେ ବାବା ଗଜପତି ଦାସ, ମହେଶ୍ୱର ରଣା, କପଳେ ନାଗ, ତୀର୍ଥ ମନହିରା, ଡାକ୍ତର ଝାଙ୍କର, ଗୋବର୍ଦ୍ଧନ ନାଗ, ତପେଶ୍ୱର କଲତା, କୀର୍ତ୍ତନ ଗୁରୁ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



# ବୁଣାକାର ତନ୍ତୁବାୟ ସମିତି ଅଚଳ

**ଶଗଡ଼ା, ୧୭ ।୧୨(ସମିସ):**

ସରକାର ବୁଣାକାର ମାନଙ୍କର ଉନ୍ନତି ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ଏଥିପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ର ଅବହେଳା ଯୋଗୁଁ ବୁଣାକାରମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡ଼ଭେଲି ପଦରରେ ଥିବା ବୁଣାକାର ତନ୍ତୁବାୟ ସମିତି ଦୀର୍ଘ ୧୭ ବର୍ଷରୁ ଅଧିକ ହେବ ଅଚଳ ହୋଇ ପଡ଼ି ରହିଛି। ସମିତି ଅଚଳ ହେବା ଫଳରେ ବୁଣାକାରମାନେ ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଣୁ ସେମାନଙ୍କୁ ବାହାର ମାଲିକଙ୍କ ନିକଟରେ ନିର୍ଭର କରିବାକୁ ପଡୁଛି। ସମିତି ମାଧ୍ୟମରେ ବୁଣାକାରଙ୍କୁ ସୂତା, ରଙ୍ଗ, ଉପଯୁକ୍ତ ମଜୁରୀ ପ୍ରଦାନ କରିବା ସହ ସରକାରୀ ଯୋଜନାରେ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି; ହେଲେ ସମିତି ଅଚଳ ହେତୁ ଗ୍ରାମର ସମସ୍ତ ବୁଣାକାର ବାହାର ବେପାରୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଗ୍ରାମରେ ବସବାସ କରୁଥିବା ପ୍ରାୟ ୭୦ରୁ ଅଧିକ ବୁଣାକାର ପରିବାର ଦୀର୍ଘ ୧୫ବର୍ଷ ହେବ ସରକାରୀ ଯୋଜନାର ସୁବିଧାରୁ ବଞ୍ଚିତ ରହିଛନ୍ତି। ଅଚଳ ସମିତିକୁ ଚାଲୁ କରିବା ପାଇଁ ବୁଣାକାରମାନେ ଦୀର୍ଘ ବର୍ଷ ବ୍ୟାପି ବିଭିନ୍ନ ସମୟରେ ବୌଦ୍ଧସ୍ଥିତ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି; ହେଲେ କେହି ଶୁଣୁ ନ ଥିବା ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ଆନ୍ତରିକତା ଦେଖାଉ ନାହାନ୍ତି। ବୁଣାକାର ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। କେବଳ ପ୍ରତିଶ୍ରୁତି ମିଳୁଛି। ସରକାର ବୁଣାକାରଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସୂତା ରଙ୍ଗ ରିହାତି ମୂଲ୍ୟରେ ଯୋଗାଇ ଦେବା, ବୁଣାକାର କର୍ମଶାଳା, ବିଜୁଳି, ସୋଲାର ଇନଭର୍ଟର, ଋଣ, ତନ୍ତ ସରଞ୍ଜାମ, ଉନ୍ନତ ଜ୍ଞାନ କୌଶଳ ତାଲିମ, ଶିକ୍ଷଣ ପାଇଁ ବାହାର ରାଜ୍ୟକୁ ଗସ୍ତ ଆଦି ଅନେକ ଯୋଜନା ରହିଛନ୍ତି। ଏସବୁ ଯୋଜନାରୁ ଗ୍ରାମର ବୁଣାକାରମାନେ ବଞ୍ଚିତ ହେଉଛନ୍ତି। ଗ୍ରାମରେ ଅଧିକାଂଶ ବୁଣାକାର ଶାଢ଼ୀ ବୁଣା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ଗ୍ରାମରେ ସମିତିର ନିଜସ୍ୱ କାର୍ଯ୍ୟାଳୟ ସହିତ ଆବଶ୍ୟକ ଭିତ୍ତିଭୂମି ଅଛି; ହେଲେ ସମିତି ଅଚଳ ହୋଇ ପଡ଼ିବା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଦୀର୍ଘ ବର୍ଷ ହେବ ସମିତି ଅଚଳ ହେତୁ ସମିତିର ଆସବାବ ପତ୍ର, କାଗଜପତ୍ର, କାଠ ସରଞ୍ଜାମ ସହ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ ସମିତି କାର୍ଯ୍ୟାଳୟ ମଧ୍ୟ ଭାଙ୍ଗିବାକୁ ବସିଲାଣି। ଅଞ୍ଚଳର ବୁଣାକାରମାନଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଚଳ ସମିତିକୁ ଚାଲୁ କରିବାକୁ ବୁଣାକାରମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବୁଣାକାର ସମିତି ଖୁବ୍ ଶୀଘ୍ର ଚାଲୁ କରା ନ ଗଲେ ବୁଣାକାରମାନେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

# ପରିବହନ ବିଭାଗ ତାଲିମ କେନ୍ଦ୍ର ନିର୍ମାଣକୁ ବିରୋଧ



**ବୌଦ୍ଧ, ୧୭ ।୧୨(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଗ୍ରାମର ଗଦବସା ପଡ଼ିଆ ଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ ହେବାକୁ ଥିବା ତାଲିମ କେନ୍ଦ୍ରସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା।ତାଲିମ କେନ୍ଦ୍ର ପାଇଁ ପ୍ରଶାସନ ବୁରକଟା ଗଦବସା ପଡ଼ିଆରେ ଦେଇଥିବା ୨ ଏକର ଜମିକୁ ସମତଳ କରିବା ଓ ଗଭୀର ନଳକୂପ ଖୋଳା ଯାଉଥିବା ବେଳେ ଗ୍ରାମବାସୀ କାର୍ଯ୍ୟ ବନ୍ଦ କରାଇଥିଲେ। ଖୁଣ୍ଟବନ୍ଧ ପଞ୍ଚାୟତର ନାଏବ ସରପଞ୍ଚ ସମୀର ପ୍ରଧାନଙ୍କ ନେତୃତ୍ୱରେ

**● କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ**

ଗ୍ରାମବାସୀ କାର୍ଯ୍ୟସ୍ଥଳରେ ପହଞ୍ଚି କାମ ବନ୍ଦ କରି ଯନ୍ତ୍ରପାତି ଓ ଯାନବାହାନ ଧରି ପଡ଼ିଆ ଛାଡି ଚାଲିଯିବାକୁ ଚେତାବନୀ ଦେଇଥିଲେ। ଗ୍ରାମର ଗୋଚର ଜମିକୁ କିସମ ପରିବର୍ତ୍ତନ କରି ପ୍ରଶାସନ ବିଭିନ୍ନ ବିଭାଗକୁ ଜମି ଦେଉଥିବାରୁ ତାର ପ୍ରତିବାଦ କରିଥିଲେ। ଗ୍ରାମର ଘର ଡିହ ନଥିବା ପରିବାରକୁ ୪ଡିସିମିଲ ଲେଖାଏଁ ଜମି ଦେବାକୁ ପ୍ରଶାସନ ଜମି ନଥିବା କହୁଥିବା ବେଳେ ଗ୍ରାମରେ ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ଏକର ଏକର ଜମି କିସମ ପରିବର୍ତ୍ତନ କରି ଦେଉଥିବାରୁ ନାଏବ ସରପଞ୍ଚ ଶ୍ରୀ ପ୍ରଧାନ ତାର ଦୃଢ ବିରୋଧ କରିବା ସହିତ କାର୍ଯ୍ୟବନ୍ଦ କରିବାକୁ ଚେତାବନୀ ଦେଇଥିଲେ।

## ଡୁମାଲ ସମାଜର ଜିଲ୍ଲାସ୍ତରୀୟ ବୈଠକ

ଲଛିପୁର, ୧୭।୧୨(ସମିସ): ଡୁମାଲ ସମାଜ ସୁବର୍ଣ୍ଣପୁର ଶାଖା ଆନୁକୂଲ୍ୟରେ ସୋନପୁର ବ୍ଲକ ଲଛିପୁର ପଞ୍ଚାୟତ ଲୁପୁରସିଂହା ମାହେଶ୍ୱରୀ କଲ୍ୟାଣମଣ୍ଡପରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମାହେଶ୍ୱରୀଙ୍କ ଗ୍ରାମ ପରିକ୍ରମା ଓ ବିଭୀଷଣ ମହାକୁରଙ୍କ ଦ୍ୱାରା ଦେବୀ ବନ୍ଦନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସଭାପତି ଅଶ୍ୱିନୀ କୁମାର ମହାକୁରଙ୍କ ସଭାପତିତ୍ୱରେ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ପରିଷଦର କୋଷାଧ୍ୟକ୍ଷ ବିପିନ ପାତ୍ର, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ବଘାର, ବଲାଙ୍ଗିର ଜିଲ୍ଲା କାର୍ଯ୍ୟକାରୀ ସମ୍ପାଦକ ବୃଷଭ ଦନ୍ତା, ରାଜ୍ୟ ଡୁମାଲ ପରିଷଦର ଉପସଭାପତି ଲୋକନାଥ ମହାର ଯୋଗଦେଇଥିଲେ। ବୈଠକରେ ବାଲ୍ୟବିବାହ ନିରୋଧ, ମଦ, ନିଶା, ନାରୀ ନିର୍ଯାତନା ଓ ଯୌତୁକ ପ୍ରଥା ବିରୋଧରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ରାଜ୍ୟ ପରିଷଦର ବିଚାର ଆଲୋଚନା କରି ଆଇନରେ ପରିଣତ କରିବା ପାଇଁ ସର୍ବ ସମ୍ମତିକ୍ରମ ପ୍ରସ୍ତାବ ଗ୍ରହଣ କରାଗଲା। ଜିଲ୍ଲା ସମ୍ପାଦକ କିଶୋର କର୍ମୀ ଜିଲ୍ଲା କମିଟିରେ ସ୍ଥିର କରାଯାଇଥିବା ସାଂଗଠନିକ ଓ ସାମାଜିକ ନିୟମାବଳି ଉପରେ ବିବରଣୀ ପଠନ କରିଥିଲେ। ଦାମ୍ବୋଦର ମହାକୁର ବୈଠକର ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ଲୁପୁରସିଂହା ଗ୍ରାମ କମିଟିର ସଭାପତି ଅଜିତ ବସ୍ତିଆ ଧନ୍ୟବାଦ ଦେଇଥିଲେ। ଡୁମାଲ ସମାଜର ଜାତି ଗଙ୍ଗା ଯୋଗ ଦେଇଥିଲେ। ଏଥିରେ ଗୋବର୍ଦ୍ଧନ ବସ୍ତିଆ, କାର୍ତ୍ତିକ ପଧାନ, ମହନ କର୍ମୀ, ରାଜକୁମାର ପଧାନ, ହରିବନ୍ଧୁ ନାଏକ, ବ୍ୟାସଦେବ ମହକୁର ଓ ଭାସ୍କର ପଧାନ ସହଯୋଗ କରିଥିଲେ।

# ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା

**ଶଗଡ଼ା, ୧୭ ।୧୨(ସମିସ):**ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଲସାଗୋରା ଠାରେ କଣ୍ଟାମାଳ ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ସଙ୍କୁଳ ପ୍ରମୁଖ ସନ୍ତୋଷ କୁମାର ବିଶିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କ୍ରୀଡ଼ା ଉତ୍ସବରେରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟଭାନୁ ଦଣ୍ଡୁଆଶୀ ଓ ସମକ୍ଷରୋପରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଏବିଓ ଲୋକନାଥ ପାଢ଼ୀ ଦୀପ ଲଗାଇ ଉଦ୍‌ଘାଟନ କରିଥିଲେ। ପରେ ସମସ୍ତ ଶିଶୁ ମନ୍ଦିରର ଭାଇଭଉଣୀଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଦଣ୍ଡୁଆସି ଓଏବିଇଓ ପାଢ଼ୀ, ମୁଖ୍ୟବକ୍ତା ଭାବେ ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ସଭାପତି ଶିଶିର କୁମାର ଖଟୁଆ, ସଙ୍କୁଳ ସଂଯୋଜକ ଭଗବାନ ମନହିରକ୍ଷ, ଅଜିତ କୁମାର ଗିରି, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଘଣ୍ଟାପଡ଼ା ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ୧୪ ବର୍ଷରୁ କମ ବିଭାଗରୁ ୪୦୦ମି. ଦୌଡ଼,



ଉଚ୍ଚଡ଼ିଆଁ ଓ ବାଧା ଦୌଡ଼ରେ ୩ଟି ଖେଳରୁ ପ୍ରଥମ ସ୍ଥାନ ହାସଲ କରିଥିବାରୁ ତାଙ୍କୁ ସଂକୁଳସ୍ତରୀୟ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା।ପ୍ରଧାନ ଆଚାର୍ଯ୍ର ହେମନ୍ତ ପୁଟେଲ ଅତିଥି ପରିଚୟ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଙ୍କୁଳ ଶାରୀରିକ ପ୍ରମୁଖ ଶ୍ରୀପତି ଦୀପ ବାର୍ଷିକ କ୍ରୀଡା ବିବରଣୀ ପଠନ କରିଥିଲେ। ଆସନ୍ତା ବର୍ଷ ଘଣ୍ଟାପଡ଼ା ଶିଶୁ ମନ୍ଦିରରେ ସଂକୁଳ ସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ପାଇଁ ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ସେଠଙ୍କୁ ସଂକୂଳ ସମ୍ପାଦକ ଭଗବାନ ମନହିରା କ୍ରୀଡ଼ା ପତକା ପ୍ରଦାନ କରିଥିଲେ। ଉକ୍ତ ପ୍ରତିଯୋଗୀତାରେ ଶାରିରୀକ ପ୍ରମୁଖ ଆଚାର୍ଯ୍ୟ ନେପାଲ ଭୋଇ, ହେମନ୍ତ ମଲ୍ଲିକ, ସୁଶାନ୍ତ ପ୍ରଧାନ, ଶ୍ରୀକାନ୍ତ କୁଦେଇ, ଶଙ୍କର୍ଷଣ ଖେତି, କୃପାସିନ୍ଧୁ ବଘାର ଖେଳ ପରିଚାଳନା କରିଥିଲେ। ମୋଟ ୯୧ ଜଣ ଶିଶୁ ଭାଇ ଭଉଣୀ ଭାଗ ନେଇଥିଲେ। ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡ଼ମାଳି, ଲିଙ୍ଗରାଜ ସେଠ୍ ସହଯୋଗ କରିଥିଲେ। ବିଦ୍ୟୁତ ପରିଷଦର ସମ୍ପାଦକ ବଳଦେବ ପ୍ରହରାଜ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ**

# କଂସ ଏବଂ କୃଷ୍ଣ ବଳରାମଙ୍କ ନଗର ପରିକ୍ରମା



**ବୌଦ୍ଧ, ୧୭ ।୧୨(ସମିସ):**

ସୋମବାର ବିଳମ୍ବିତ ରାତି ପ୍ରାୟ ୨ ଘଣ୍ଟା ସମୟରେ ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ କଂସ ବଧ ସହ ଉଦ୍‌ଯାପିତ ହୋଇ ଯାଇଛି। ରାତିରେ କଂସ ମହାରାଜ ବାଣାସୁର, ଶିଶୁପାଳ ଓ ଜରାସନ୍ଧଙ୍କ ସହ ସ୍ୱତନ୍ତ୍ର ସୁସଜ୍ଜିତ ବିମାନରେ ବୁଟୁପାଲି ଠାରୁ ବାହାରି ନଗର ପରିକ୍ରମା କରି ଧନୁଯାତ୍ରା ସ୍ଥଳରେ ପହଞ୍ଚି ଥିଲେ। ସେହିପରି ମଦନ ମୋହନ ମନ୍ଦିର ନିକଟରୁ କୃଷ୍ଣ ଓ ବଳରାମ ସୁସଜ୍ଜିତ ରଥରେ ବାହାରି ନଗର ପରିକ୍ରମା କରି ଯାତ୍ରା ସ୍ଥଳରେ ପହଞ୍ଚି ଥିଲେ। ଉଦ୍‌ଯାପନୀ ରାତିରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ସାମ୍ବାଦିକ ସତ୍ୟଜିତ କୁମାର ପଣ୍ଡାଙ୍କ ସମେତ ନାଟ୍ୟକାର ହୃଦାନନ୍ଦ ମେହେର, ନାଟ୍ୟ ନିର୍ଦ୍ଦେଶକ ଦେବାଙ୍ଗନ ମେହେର, କାର୍ଯ୍ୟକର୍ତ୍ତା ବୃନ୍ଦାବନ ମେହେର ଯୋଗ ଦେଇଥିଲେ।ରମେଶ ପ୍ରସାଦ ମେହେର ଉଦଯାପନୀ ସଭାକୁ ସଂଯୋଜନା କରିଥିଲେ। ଉକ୍ତ ଅବସରରେ ହୃଦାନନ୍ଦ ମେହେରଙ୍କ ରଚିତ ଏକ ପୁସ୍ତକ ଅତିଥି ମାନେ ଉନ୍ମୋଚନ କରିଥିଲେ। କଂସ ବଧ ନାଟକ ଦେଖିବାକୁ ସହସ୍ରାଧିକ ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ତରଭା, ୧୭।୧୨(ସମିସ):** ତରଭା ବ୍ଲକ ମେଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଝସକେତନ୍ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅଶୋକ ବିଶି ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଦ୍ୱିତୀୟ ଦିନ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ କମିଟିର ସଭାପତି ନାରାୟଣ ଝାଙ୍କର ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଭୟ ଦିନର କ୍ରୀଡ଼ା ପ୍ରତିଯୋଗିତାକୁ ଶିକ୍ଷକ ଧୃବାନନ୍ଦ ସେଠୀ ଓ ବିଭୀଷଣ ରଣା ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ଆୟୁଷ ନାଗ ଓ ପ୍ରାଚୀ କର୍ଣ୍ଣ ଏବଂ କନିଷ୍ଠ ବର୍ଗରେ ଅରୁଣ ସା ଓ ରୋଷଣୀ ବାଗ ଚାମ୍ପିଅନ ହୋଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ନୀଳକଣ୍ଠ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

● କଳାହାଣ୍ଡି ଉତ୍ସବ

## ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ବାତିଲ ନିଷ୍ପତ୍ତି

**କଲମପୁର, ୧୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ସଭାଗୃହରେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ନିମନ୍ତେ ପ୍ରସ୍ତୁତି ବୈଠକ ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି କଳାହାଣ୍ଡି ଉତ୍ସବ ୨୫ତମ ପାଳିତ ହୋଇଥିବା ଆସନ୍ତା ୨୬ତମ ବର୍ଷ ପାଳନ ବେଳକୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଥମ ଥର ପାଇଁ ବ୍ଲକ ଅନ୍ତର୍ଗତ କୌଣସି ପଞ୍ଚାୟତରେ ପାଳନ ହେବା ସମ୍ଭାବନା ନାହିଁ ବୋଲି ବୈଠକରେ ପ୍ରକାଶ ପାଇଛି। ଏନେଇ କଳାହାଣ୍ଡି ଉତ୍ସବ ପ୍ରେମି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।ଲୋକଙ୍କ କହିବା କଥା ହେଲା ପ୍ରତି ବର୍ଷ ପାଳିତ ହୋଇ ଆସୁଥିଲା ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା, ଲୋକକଳା ସମେତ ଛାତ୍ରଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ ସହିତ ସଫଳତା ଅର୍ଜନ ପରେ ବ୍ଲକସ୍ତରରେ ସେମାନଙ୍କୁ ସୁଯୋଗ ଦିଆଯାଉଥିଲା, ସେଠାରେ ସେମାନଙ୍କ ସଫଳତା ପରେ ଉପଖଣ୍ଡ ଓ ଜିଲ୍ଲାସ୍ତରରେ ସୁଯୋଗ ମିଳୁଥିଲା। ଏବେ ସେହି କାର୍ଯ୍ୟକ୍ରମ ଉପରେ ଏହାର ସିଧାସଳଖ ପ୍ରତିକୂଳ ପ୍ରଭାବ ପଡ଼ିବା ସମ୍ଭାବନା ଦେଖାଦେଇଛି।ତତ୍କାଳୀନ ବିଜେଡି ସରକାର ସମୟରେ ଏଭଳି ଘଟଣା ଦେଖିବାକୁ ମିଳିନଥିବା ବେଳେ ନୂତନ ସରକାର ସମୟରେ ଏଭଳି ପ୍ରଥମ ଘଟଣାକୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଜାନୁଆରୀ ୮ ଓ ୯ ତାରିଖରେ ଦୁଇଦିନ ଧରି ଉତ୍ସବ ପାଳନ କରାଯିବା ପାଇ ନିଷ୍ପତ୍ତି ନିଆଯାଇ ଥିବା ବେଳେ ବୈଠକରେ ବିଡ଼ିଓଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସମାଜସେବୀ ପ୍ରଭୃତି ଉପସ୍ଥିତ ଥିଲେ।

## ଶିକ୍ଷକ ବୈକୁଣ୍ଠ ବେମାଲ ସମ୍ମାନିତ




ଭବାନୀପାଟଣକ୍ଷ, ୧୭ ।୧୨(ସମିସ): ଶକ୍ତିଟିଭି ର ଚତୁର୍ଥ ରାଜ୍ୟସ୍ତରୀୟ ସ୍?ନକ୍ଷତ୍ର ଉତ୍ସବ ରେ କଳାହାଣ୍ଡି ଭବାନୀପାଟଣା ରିଷିଗାଁ ସିଆରସିସି ତଥା ଶିକ୍ଷକ ସାଧନ କର୍ମୀ ବୈକୁଣ୍ଠ ବେମାଲଙ୍କୁ ଶକ୍ତିଟିଭି ଶିକ୍ଷକ ଶ୍ରେଷ୍ଠ ସମ୍ମାନ୨୦୨୪ରେ ସମ୍ମାନିତ କରାଯାଇଛି। ଟିଟିଲାଗଡ଼ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଭାବରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସମ୍ମାନିତ ଅତିଥି ଭାବରେ ପୋ?ରାଧକ୍ଷା ମମତା ଦେବୀ ଜୈନ, ମୁଖ୍ୟ ବକ୍ତା ଭାବରେ ଭାରତୀୟ ହ୍ୟୁମାନ ରାଇଟ କମିଶନର ରାଜ୍ୟ ସଭାପତି ପ୍ରସନ୍ନ ଗୁରୁ, ଓଡ଼ିଶା ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବିରବର ସାହୁ, ଶକ୍ତି ଟିଭିର ମୁଖ୍ୟ ସମ୍ପାଦକ କୃଷ୍ଣ ଚନ୍ଦ୍ର ସେଠି, ବଳଭଦ୍ର ଦାସ ପ୍ରମୁଖ ମଞ୍ଚସିନ ହୋଇ ଆଲୋଚନାର ଶୀର୍ଷକ 'ସାମ୍ବାଦିକ-ସମସ୍ୟାର ନା ସମାଧାନ' ଉପରେ ନିଜନିଜ ବକ୍ତବ୍ୟ ରଖିଥିଲେ।ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ମନୋନୀତ ତଥା ନିମନ୍ତ୍ରିତ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାହାଣ୍ଡି ଜିଲ୍ଲାରେ ଶିକ୍ଷାର ବିକାଶ ମୂଳକ କାର୍ଯ୍ୟରେ ତାଙ୍କର ଅସାଧାରଣ କୃତିତ୍ୱ ଏବଂ ଅବିଶ୍ରାନ୍ତ କାର୍ଯ୍ୟଦକ୍ଷତା ଯୋଗୁଁ ଶିକ୍ଷକ ବୈକୁଣ୍ଠ ବେମାଲଙ୍କୁ ଶ୍ରେଷ୍ଠ ଶିକ୍ଷକ ଏବଂ ସାଧନ କର୍ମୀ ଭାବରେ ସମ୍ବର୍ଦ୍ଧନା କରାଯାଇଛି।

● ଧାନ ବୋଝେଇ ଟ୍ରକ୍ ଲାଗି ଟ୍ରାନ୍ସଫର୍ମର ଭାଙ୍ଗିଲା

## ଅଳ୍ପକେ ବର୍ତ୍ତିଲେ ଚାଷୀ ଓ ଡ୍ରାଇଭର୍



ଧର୍ମଗଡ଼, ୧୭ ।୧୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଡୁମୁରା ମଣ୍ଡି ଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନା ମତେ ବିଳମ୍ବିତ ରାତ୍ରିରେ ଡୁମୁରା ମଣ୍ଡିରୁ ପୂଜା ଏଗ୍ରୋ ମିଲର୍ସର ଏକ ଧାନ ବୋଝେଇ ଟ୍ରକ୍ ଧାନ ମଣ୍ଡିରୁ ଧାନ ନେଉଥିବା ବେଳେ ଲାଇନ୍ ତାରରେ ଲାଗିଯାଇଥିଲା। ଫଳରେ ଧାନ ମଣ୍ଡି କୁ ସଂଯୋଗ ହୋଇଥିବା ଲାଇନ୍ ତାର ଚାଷୀଙ୍କ ଉପରେ ପଡ଼ିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ଧାନ ବୋଝେଇ ଟ୍ରକ୍ ଓ ଡ୍ରାଇଭରର ମଧ୍ୟ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଏ। ଅନ୍ୟପଟେ ଧାନ ମଣ୍ଡି ପାଖରେ ଥିବା ଟ୍ରାନ୍ସଫର୍ମର ଖମ୍ବ ସମ୍ପୂର୍ଣ୍ଣ ଉପୁଡି ପଡ଼ି ନଷ୍ଟ ହୋଇଯାଇଛି। ବର୍ତ୍ତମାନ ଡୁମୁରା ମଣ୍ଡିକୁ ବିଦ୍ୟୁତ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଧାନ ମଣ୍ଡିରେ ଧାନ ରଖିଥିବା ଚାଷୀ ଏବେ ଅନ୍ଧାରରେ। ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟଲୋକେ ଦାବି କରିଛନ୍ତି।

ପ୍ରଶାସନର ଦୃଷ୍ଟି ଆଢୁଆଳରେ ବୀରସିଙ୍ଗେର ଗାଁ

# ଅନ୍ଧାରରେ ୨୫ ପରିବାରର ଭବିଷ୍ୟତ





**ଲାଞ୍ଜିଗଡ଼, ୧୭ ।୧୨(ସମିସ):**

କାହିଁ କେଉଁ କାଳରୁ ଘର ତିଆରି କରି ଗାଁ ବସାଇଥିଲେ। ଦିନ ଗଡ଼ିଗଲା। ଦେଶ ସ୍ୱାଧୀନ ହେଲା। ବଦଳିଲା ସରକାର ପରେ ସରକାର। ତୃଣମୂଳସ୍ତରର ବିକାଶ ପାଇଁ ହେଲା ଲକ୍ଷଲକ୍ଷ କୋଟି ଟଙ୍କାର ଯୋଜନା। କିନ୍ତୁ ଏପରି ବି ଗାଁ ଅଛି ଯେଉଁଠି ଆଜିଯାଏଁ ବାଜିନି ବିକାଶର କାଣିଚାଏ ଛିଟା। ପହଞ୍ଚିପାରିନି ବିକାଶର ଚିରୁଡ଼ାଏ ଆଲୁଅ।ଏମିତ ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ବୀରସିଙ୍ଗେର। ଗାଁରେ ରହନ୍ତି ୨୫ ଗରିବ ଆଦିବାସୀ ପରିବାର। କିନ୍ତୁ ସରକାରଙ୍କ ସବୁତକ ସୁବିଧା ସୁଯୋଗରୁ ବଞ୍ଚିତ ସେମାନେ। ଝିମିରି ଜଙ୍ଗଲର ପାଦଦେଶରେ ଦୀର୍ଘ ବର୍ଷ ହେଲା ବସବାସ କରୁଥିବା ଏହି ଗ୍ରାମବାସୀଙ୍କୁ ନା ମିଳିଛି ଘର ନା ମିଳୁଛି ସେମାନଙ୍କ ହାତକୁ କାମ। ଜଙ୍ଗଲରେ ପୋଡୁଚାଷ ଓ ପନିପରିବା, ମାଣ୍ଡିଆ, ବିରି, କୋଳଥ, କାନ୍ଦୁଲ ଚାଷ କରି ସେମାନେ କରନ୍ତି ପରିବାର ପ୍ରତିପୋଷଣ। ଆଜି ପର୍ଯ୍ୟନ୍ତ ସେମାନଙ୍କୁ ନା ମିଳିଛି ଜଙ୍ଗଲ ଜମି କି ଘର ଡିହର ପଟ୍ଟା। ଗାଁର ମାତ୍ର ତିନୋଟି ପରିବାର ବ୍ୟତୀତ ଆଉ କାହାରିକୁ ମିଳିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର। ଲୋକେ ଝାଟିମାଟି କୁଡ଼ିଆରେ ଦିନ କାଟୁଛନ୍ତି। ବିଜୁଳି ଆଲୁଅ ବି ଗାଁ ପାଇଁ ସାତସପନ। ସନ୍ଧ୍ୟା ହେଲେ ଲାଗିରହୁଛି ଜଙ୍ଗଲୀ ହାତୀଙ୍କ ଭୟ। ଗୋଟିଏ ବୋଲି ସୋଲାର ଚାଳିତ ନଳକୂଅ କେବେ ଚାଲେ, କେବେ ଚାଲେନି। ଫଳରେ ନିକଟସ୍ଥ ଚାଷ ଜମିରେ ଏକ କୂଅ ଖୋଳି ସେମାନେ ମେଣ୍ଟାନ୍ତି ଶୋଷ। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧାରୁ ଚିର ବଞ୍ଚିତ ସେମାନେ। ରୋଗବାଧିକି ହେଲେ ଗୁଣିଆ ଭରସା। ସେହିପରି ଚାଉଳ, ଭତ୍ତା ଆଣିବାକୁ ପଞ୍ଚାୟତକୁ ଯିବାକୁ ହେଲେ ପାଦରେ ଚାଲିଯିବାକୁ ହୁଏ ବାର କିଲୋମିଟର ଜଙ୍ଗଲୀ ରାସ୍ତା। ବୃଦ୍ଧବୃଦ୍ଧାମାନେ ପଞ୍ଚାୟତକୁ ଯିବାକୁ ଭୋଗନ୍ତି ଯମ ଯନ୍ତ୍ରଣା। ଏପରି ସମସ୍ୟା ଜର୍ଜରିତ ଗାଁ ଉପରେ କିନ୍ତୁ ଆଜିଯାଏଁ ପଡ଼ିନି ସରକାର, ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ସୁନଜର। କେବଳ ଭୋଟ ବେଳେ ମନେ ପଡ଼ନ୍ତି ଗାଁ ଲୋକେ। ବୀରସିଙ୍ଗେର ଗାଁ ଉପରେ କେବେ ପଡୁଛି ସରକାର ଓ ପ୍ରଶାସନ ଶୁଭଦୃଷ୍ଟି। କେବେ ଖୋଲୁଛି ସେମାନଙ୍କ ଭାଗ୍ୟ ଦେଖିବାକୁ ବାକି ରହିଲା। ଏ ସମ୍ପର୍କରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ଗାଁର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ମଦନପୁର ରାମପୁର ବ୍ଲକ୍‌ସ୍ତରୀୟ ଯୁଗ୍ମ ଜନଶୁଣାଣି

**ଭବାନୀପାଟଣା, ୧୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା।ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୬ ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୨୫ ଟି ଓ ସାମୂହିକ ୨୧ଟି ରହିଥିବା ବେଳେ ୧୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମିବିବାଦ, ମଣ୍ଡିରେ ଧାନ ବିକ୍ରି, ରେଶନ କାର୍ଡ, ସୁଭଦ୍ରା ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଉପଆରକ୍ଷୀ ଅଧିକ୍ଷକ କେସିଙ୍ଗା ଅଜୟ କୁମାର ଦାସ, ବିଡିଓ ମ. ରାମପୁର ସବ୍ୟସାଚୀ ବେହେରା, ତହସିଲଦାର ମ.ରାମପୁର ସୁଧାକର ରଇତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡ଼ା, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ଅବକାରୀ ଅଧିକ୍ଷକ ସରୋଜ କୁମାର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।



## ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର




**କେସିଙ୍ଗା, ୧୭ ।୧୨(ସମିସ):** ଅଲ ଓଡ଼ିଶା ମାରୱାଡ଼ି ଯୁବାମଞ୍ଚର ଆହ୍ୱାନକ୍ରମେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ସଭାପତି ଅଙ୍କିତ ଗୁପ୍ତା ସମ୍ପାଦକ ସୌରଭ ଅଗ୍ରୱାଲ ଓ ବ୍ଲଡ଼ କନଭେନର ସୁବିଦ୍ଧି ଜୈନଙ୍କ ନେତୃତ୍ୱରେ ମଙ୍ଗଳବାର ସ୍ଥାନୀୟ ଅଗ୍ରସେନ ଭବନ ଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ପ୍ରକାଶ ଥାଉକି ଯୁବା ମଞ୍ଚ ପକ୍ଷରୁ ୧୫ ଡିସେମ୍ବର ରୁ ୨୨ ଡିସେମ୍ବର ପର୍ଯ୍ୟନ୍ତ ମଞ୍ଚ ର ୧୦୯ ଶାଖାର ୨୫୦ ଟି ଶିବିରରେ ୧୫ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି।କେସିଙ୍ଗାରେ ସନ୍ଧ୍ୟା ୭ ଘଣ୍ଟା ସମୟ ପଯର୍ୟନ୍ତ ୭୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ ଓ କେସିଙ୍ଗା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ପିଙ୍କୁ ପରିଡ଼ା, ଆଲୋକ ଗୋଏଲ, ସୁରେଶ ଗୋଏଲ, ସିଦ୍ଧାର୍ଥ ଅଗ୍ରୱାଲ, ଧିରଜ ଜୈନ, ଆଦିତ୍ୟ ଗର୍ଗ, ଅନୁପମ ଜୈନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ରୁଦ୍ରପ୍ରସାଦ ସାହୁ ମେମୋରିଆଲ୍ କପ୍ ; ଫାଇନାଲରେ ବରଗଡ଼

**ଜୁନାଗଡ଼, ୧୭ ।୧୨(ସମିସ):**



ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ୍ କ୍ରିକେଟ ପ୍ରଥମ ସେମିଫାଇନାଲରେ ବରଗଡ଼ ଟସ୍ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ। ବରଗଡ଼ ବ୍ୟାଟିଂ କରି ୩୦ଓଭର ରେ ୨୧୫ ରନ ସଂଗ୍ରହ କରିଥିଲେ।ଜବାବରେ ଜୁନାଗଡ଼ ୨୩ଓଭର ୧ବଲ ରେ ସମସ୍ତ ଉଇକେଟ ହରାଇ ମାତ୍ର ୧୩୪ରନ କରି ପରାଜୟ ହୋଇଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ବରଗଡ଼ର ରାକେଶ ସିଂ ପାଇଥିଲେ। ନିୟୁ ରେଡ ଷ୍ଟାର ସ୍ପୋର୍ଟ୍ସ କ୍ଲବ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେପି ନେତା ମନୋଜ କୁମାର ମେହେର ସମାଜସେବୀ ଈଶ୍ୱର ପୂଝାରୀ, ଉଦ୍ଧବ ସାହୁ, ବିଜୟ ପୁଝାରୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବିଜୟପାଢ଼ୀ, ପାରିଷଦ ସଚିନ ଆଦାନୀ ଯୋଗ ଦେଇଥିଲେ। ବିପ୍ଳବ ସିଂ ଓ ତେଜନ ଦୁର୍ଗା ଖେଳ ପରିଚାଳନା କରିଥିବା ବେଳେ ଧାରାବିବରଣି ନୀତିଶ ମହାପାତ୍ର, ବିଶ୍ୱ ସାହୁ, ସୁଖବିନ୍ଦର ସିଂ ଓ ସନ୍ତୋଷ ପୃଷ୍ଟି କରିଥିଲେ। ମୁକେଶ ପୋଡ଼ ସ୍କୋରର ଦାୟିତ୍ୱ ନେଇଥିଲେ ହାସିମ ଖାନ ଅନଲାଇନ୍ ସ୍କୋର ଦାୟିତ୍ୱ ନେଇଥିଲେ। ୟୁଟ୍ୟୁବରେ ସିଧାପ୍ରସାରଣ ରୀତିକ ଓ ସୁଜଳ କରିଥିଲେ। ଆଜିର ଖେଳରେ କ୍ଲବ୍ ସଭାପତି ହିମାଂଶୁ ଶେଖର ବରାଡ ଉପ ସଭାପତି ସରୋଜ କୁମାର ପଣ୍ଡା, ସମ୍ପାଦକ କାଳିନ୍ଦୀ ପାଣିଗ୍ରାହୀ ଅର୍ଗାନାଇଜ ସମ୍ପାଦକ ମାନସ ସାହୁ ସହ ସମ୍ପାଦକ କଂନେଇ ରାହୁଲ, ସୁଶୀଲ ଠାକୁର, କୋଷାଧକ୍ଷ ଦିଲୀପ ପଣ୍ଡା, ତୁଳସୀ ପଟ୍ଟନାୟକ, ରମଣୀ ପଣ୍ଡା, ନିହାର ପଣ୍ଡା ପପୁ ପଣ୍ଡା, ସୁଜିତ ପଣ୍ଡା, ସରପଞ୍ଚ ଦିବ୍ୟ ଦୀପ, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ମେଦିନିପୁର ମଣ୍ଡିରେ ଉଠିନି ଧାନ

# ଚାଷୀ-ଏଜେଣ୍ଟ ମଧ୍ୟରେ ଛିଣ୍ଡୁନି ମୂଳଚାଲ

**ଭବାନୀପାଟଣା, ୧୭ ।୧୨(ସମିସ):**କଳାହାଣ୍ଡି ଜିଲ୍ଲାରେ ଅନେକ ମଣ୍ଡିରୁ ଧାନ ଉଠିନଥିବା ଦେଖିବାକୁ ମିଳିଛି। କାରଣ ଧାନର ମାନ ନିର୍ଣ୍ଣୟ ପ୍ରକ୍ରିୟା (ଧାନ ଆନାଲାଇଜର) ଚାଷୀଙ୍କ ପାଇଁ କାଳ ସାଜିଛି। ଫାୟାର ଏଭେରେଜ କ୍ୱାଲିଟି (ଏଫଏକ୍ୟୁ) ଧାନ ସମୁଦାୟ ବ୍ୟବସ୍ଥାକୁ ଅଟକାଇ ରଖିଛି। ଅତିଉନ୍ନତ କିସମର ସଫା ଧାନ ଓ ସୁଖା ଧାନକୁ ମଧ୍ୟ ଏଫଏକ୍ୟୁ ମାନ୍ୟତା ମିଳିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ଏଫଏକ୍ୟୁ ଧାନର ମାପ ଯନ୍ତ୍ର ତଥା ଆନାଲାଇଜର ମେସିନ ଉପରେ ଚାଷୀର ଭାଗ୍ୟ ନିର୍ଭର କରୁଛି। କେବଳ ତାହା ନୁହେଁ ମିଲର୍ସ ହିଁ ମଣ୍ଡିକୁ ଚଳଚଞ୍ଚଳ କରିବାରେ ଏକ ପ୍ରକାର ଗେମ ଚେଞ୍ଜର ବୋଲି କୁହାଯାଇପାରେ। ସରକାର ଚାହିଁଲେ ଜିରୋ କଟିଂ ଓ ଦଲାଲ ମୁକ୍ତ ମଣ୍ଡି। ବାସ୍ତବରେ ସଫଳ ହେବା ଅସମ୍ଭବ। ତେଣୁ ଦୀର୍ଘ ଦିନହେବ ମେଦିନିପୁର ମଣ୍ଡିରୁ ଧାନ ଉଠିପାରୁନାହିଁ। ଭବାନୀପାଟଣା ସହର ମଧ୍ୟରେ ଥିବା ମେଦିନିପୁର ମଣ୍ଡିର ଅବସ୍ଥା ଯଦି ଏମିତି ଗାଁ ଗହଳି କଥା କଣ ନ ହୋଇଥିବ? ମେଦିନିପୁର ମଣ୍ଡିକୁ ବ୍ଲକର ୫ଟି ପଞ୍ଚାୟତର ରେଜିଷ୍ଟ୍ରିଭୁକ୍ତ ୯୨୪ଜଣ ଚାଷୀଙ୍କ ଧାନ ଉଠିନଥିବା ଜଣାପଡ଼ିଛି। ଗତବର୍ଷ ଏହି ମଣ୍ଡିରୁ ୪୩ହଜାର କ୍ୱିଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଚଳିତ ବର୍ଷ ବୃଦ୍ଧି ପାଇ ଆନୁମାନିକ ୪୫ହଜାର କ୍ୱିଇଣ୍ଟାଲ ଧାନ ଉଠିବ ବୋଲି ଆକଳନ କରାଯାଇଛି। ମେଦିନିପୁର ମଣ୍ଡିରେ ଶତାଧିକ ଚାଷୀଙ୍କ ଏକ ବୈଠକ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଧାନର ମାନ ନିର୍ଣ୍ଣୟ ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ ମଧ୍ୟ କୌଣସି ନିଷ୍ପତ୍ତିରେ ଚାଷୀ ପହଞ୍ଚି ପାରିନଥିଲେ। ମିଲର୍ସଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟମାନେ ଧାନର ମାନ ଖରାପ ଥିଲେ ଧାନ ଉଠାଇବାକୁ ମଙ୍ଗୁନାହାନ୍ତି। ଏଜେଣ୍ଟଙ୍କ ସ୍ପଷ୍ଟ ମତ ଯେ ଆନାଲାଇଜର ମେସିନ ରିପୋର୍ଟ ଅନୁସାରେ ଧାନର ମାନ ନିର୍ଣ୍ଣୟ ପରେ କେତେ କେଜି କଟାଯିବ ସେଥିରୁ ସ୍ଥିର ହେବ।ଚାଷୀମାନେ ନିଜ ଅନିଚ୍ଛା ସତ୍ତ୍ୱେ ୪କେଜି କାଟିବାକୁ ରାଜି ହୋଇଥିଲେ। ତେବେ ୧ ରୁ ୧୦ ପଏଣ୍ଟ ଭିତରେ ଧାନର ମାନ ଠିକ ନଥିଲେ ୪କେଜି ଏବଂ ତାହାଠାରୁ ଅଧିକ ହେଲେ ଅଧିକ କେଜି କଟାଯାଇ ଧାନକ୍ରୟ କରାଯିବ।ଚାଷୀ କିନ୍ତୁ ଏହି ଯୁକ୍ତିରେ ରାଜି ହେଉନଥିଲେ। ଉନ୍ନତମାନର ଧାନକୁ ୪କେଜି କଟନୀରେ ଚାଷୀର ଟେକିଦେବାକୁ ନିଷ୍ପତ୍ତି ପରେ ବି ଏଜେଣ୍ଟ ସହମତି ପ୍ରକାଶ କରିନଥିଲେ। ତେବେ ଗୋଟିଏ ପ୍ରଶ୍ନ ଏଫଏକ୍ୟୁ ଧାନର ସଠିକ ମୂଲ୍ୟାୟନ ସମ୍ଭବ ହେବ କିପରି।ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଉଛି ମଣ୍ଡିରେ ଗୋଟିଏ କେଜି କଟନୀ ହେବନି ଏବଂ ଦଲାଲ ମୁକ୍ତ ମଣ୍ଡି ହେଉ। ଚାଷୀର ଉଦବେଗ ପ୍ରତି ସରକାରଙ୍କ ଖାତିର ନଥିବା କେତେକ ଅନୁଭବ କରୁଛନ୍ତି। ବର୍ତ୍ତମାନ ପରିସ୍ଥିତି ଏପରି ମିଲର୍ସଙ୍କ ଦ୍ୱାରା ଏଜେଣ୍ଟ ହିଁ ମୁଖ୍ୟ ସୂତ୍ରଧର ସାଜି ଯାହା ନିଷ୍ପତ୍ତି ନେବେ। ଜିଲ୍ଲା ପ୍ରଶାସନର ଭୂମିକା ଏଠି ଗୌଣ ପାଲଟିଯାଉଛି। ସନ୍ଧ୍ୟାରେ ମେଦିନିପୁର ମଣ୍ଡିକୁ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ତହସିଲଦାର ଓ ସହ ଯୋଗାଣ ଅଧିକାରୀ ଓ ଅନ୍ୟମାନେ ଯାଇ ଚାଷୀଙ୍କ ସହିତ ଆଲୋଚନା କରି ଫେରିଥିଲେ। ଆସନ୍ତାକାଲି କିଛି ନୀତିଗତ ନିଷ୍ପତ୍ତି ନିଆଯିବ ବୋଲି ଆଶା ରଖାଯାଇଛି। ଚଳିତ ବର୍ଷ ମଧ୍ୟ ମିଲର୍ସ ଓ ଏଜେଣ୍ଟଙ୍କ ମର୍ଜିରେ ଧାନ ବିକ୍ରି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଯାହା ହୃଦବୋଧ ହେଉଛି ପୂର୍ବ ବର୍ଷ ଗୁଡିକଭଳି ଧାନ ବିକ୍ରି ହେବ ଏଥର କୌଣସି ନୂତନତ୍ତ୍ୱ ନାହିଁ। ସେ କଟନୀ ଛଟନୀ ଓ ଧାନ ପାଇଁ ଅଖା ବସ୍ତାକୁ ନେଇ ହିସାବରୁ କାଟିବା ଏମିତି ସବୁ ଚାଲିବ। ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଯେତେ ଯାହା କହିଲେ ମଧ୍ୟ ଚୂଡାନ୍ତ ନିଷ୍ପତ୍ତି ନେବାରେ ମିଲର୍ସ ହିଁ ଗେମ ଚେଞ୍ଜର ଭଳି ନିଜ ଭୂମିକା ନିଭେଇବେ। ମିଲର୍ସ ତଥା ଏଜେଣ୍ଟ ଓ ଚାଷୀଙ୍କ ଭିତରେ ବୁଝାମଣା ଠିକ ହେଲେ ଅକ୍ଲେଶରେ ଧାନ ଉଠିବ ସତ ହେଲେ ଚାଷୀ କଟନୀ ଛଟନୀ ନାଁ ରେ ଯେଉଁ କ୍ଷତି ସହିବ ସେଥିପାଇଁ କିଏ ଉତ୍ତରଦାୟୀ ହେବ ତାହା ହିଁ ଆଜିର ବଡ ପ୍ରଶ୍ନ।

**ବୁଝାମଣା ଚୂଡାନ୍ତ ହେଲେ ଉଠିବ ଧାନ**

## ଭିନ୍ନକ୍ଷମଙ୍କ ଅନ୍‌ଲାଇନ୍ କାମ ନିଃଶୁଳ୍କ କରାଯାଉ

କେସିଙ୍ଗା, ୧୭ ।୧୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତ ସୋମବାର ଏକ ଅଫିସିଆଲ୍ ଚିଠି କରି ବ୍ଲକରେ ଥିବା ସମସ୍ତ ବିକଳାଙ୍ଗ ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସରକାରୀ ସହାୟତା ପାଇଁ ହେଉଥିବା ଅନଲାଇନ ପଞ୍ଚାୟତମାନଙ୍କରେ ନିଶୁଳ୍କ କରିବା ପାଇଁ ବ୍ଲକର ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଏଡିଓମାନଙ୍କୁ ନିବେଦନ କରିଛନ୍ତି।ପ୍ରକାଶ ଥାଉକି ବିଭିନ୍ନ ସରକାରୀ ସୁବିଧା ପାଇବା ପାଇଁ ବର୍ତ୍ତମାନ ଅନଲାଇନ ଜରୁରୀ ହୋଇଥିବା ବେଳେ ଭିନ୍ନକ୍ଷମ ଛୋଟ ଛୋଟ ଗାଆଁ ମାନଙ୍କରେ ଅନଲାଇନ ନ ହେବାରୁ ସହରକୁ ଆସି ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି।ତେଣୁ କେସିଙ୍ଗା ବିଡ଼ିଓଙ୍କ ଏହିପରି ମହତ ଉଦ୍ଦେଶ୍ୟ ନିହାତି ପକ୍ଷେ ଭିନ୍ନକ୍ଷମଙ୍କ ପାଇଁ ବରଦାନ ସାବିତ ହେବ ବୋଲି ସହରରେ ଚର୍ଚ୍ଚା ହେବା ସହିତ ନିବେଦନ ନ କରି ନିର୍ଦ୍ଦେଶ ଦେଇଥିଲେ ଭଲ ହୋଇଥାନ୍ତା ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

